



ସକାଳ THE SAKALA
www.sakalaepaper.com

● ରାଜପଥରେ ପରିବହନ ବିଭାଗର ଚଢ଼ଉ

## ବେଆଇନ ପାର୍କିଂ ପାଇଁ ଜରିମାନା ଆଦାୟ

**ପାଣିକୋଇଲି, ୧୨ ।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ଓ ୨୦ ନମ୍ବର ଜାତୀୟ ରାଜପଥରେ ପାଣିକୋଇଲି ନିକଟସ୍ଥ ଅନେକ ସ୍ଥାନରେ ବେଆଇନ ପାର୍କିଂକୁ ନେଇ ଯାଜପୁର ପରିବହନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଜରିମାନା ଆଦାୟ କରାଯାଇଛି । ରାଜପଥ ସର୍ଭିସ ରୋଡ୍‌ରେ ବେଆଇନ ପାର୍କିଂ ଯୋଗୁଁ ଅନେକ ସମୟରେ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି । ଆଖପାଖ ଗ୍ରାମର ଲୋକ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି । ରାଜପଥ କଡ଼ରେ ମାଳମାଳ ଦୋକାନ ଖୋଲାଯାଇଥିବାରୁ ଏଠାରେ ଗାଡ଼ି ରଖିବା ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଯାଜପୁର ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଟ୍ରାଫିକ ଇନ୍ସପେକ୍ଟର ରଜତ ଶତପଥୀ, ଜୁନିୟର ଏମଭିଆଇ ପ୍ରଦୀପ ବେହେରା, ଅତିରିକ୍ତ ଟ୍ରାଫିକ ସବଇନ୍ସପେକ୍ଟର ରାଜେଶ ମଙ୍ଗରାଜ, ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ ବଳ, କନଷ୍ଟେବଲ ବିଜନ ସେଠୀ, ଟି. କିଶୋର କୁମାର ପ୍ରମୁଖ ଚଢ଼ଉ କରି ପାର୍କିଂରେ ଥିବା ୧୪ଟି ଗାଡ଼ିରୁ ୮ ହଜାର ୫ ଶହ ଟଙ୍କା ଚାଲାଣ କାଟିଥିଲେ ।

## ଧଳାଜହର କବଳରେ ଧର୍ମଶାଳା ଯୁବପିଢ଼ି

**ଧର୍ମଶାଳା,୧୨।୨( ସମିସ):** ଧର୍ମଶାଳା ଅଞ୍ଚଳର ଯୁବପିଢି ଏବେ ଧଳାଜହର କବଳରେ ପଡିଯାଇଥିବା ଦେଖିବାକୁ ମିଳୁଛି । ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ସେଭଳି କଟକଣା ନ ଥିବାରୁ ଏ ଅଞ୍ଚଳରେ ବ୍ରାଉନ୍‌ସୁଗର କାରବାର ବୃଦ୍ଧି ପାଉଛି । ସହଜରେ ଓ ପାଖରେ ମିଳିଯାଉଥିବାରୁ ନିର୍ଦ୍ଦିଷ୍ଟ କିଛି ଯୁବକ ନିୟମିତ ବ୍ରାଉନସୁଗର ସେବନ କରି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି । ଏପରିକି ବ୍ରାଉନସୁଗର କିଣିବା ପାଇଁ ଅର୍ଥ ନ ମିଳିଲେ ଚୋରି କରିବାକୁ ପଛାଉନାହାନ୍ତି । ଫଳରେ କିଛିଦିନ ହେଲା ଧର୍ମଶାଳା ଅଞ୍ଚଳରେ ଚୋରି ଓ ରାହାଜାନି ବୃଦ୍ଧି ପାଇଛି ।

ପୂର୍ବରୁ ଯାଜପୁର ଜିଲ୍ଲା ପୁଲିସ୍‌ର ସ୍ୱତନ୍ତ୍ର ସ୍କ୍ୱାର୍ଡ ବାରମ୍ବାର ଚଢ଼ଉ ଓ ଗିରଫଦାରୀ ସତ୍ତ୍ୱେ ବେଆଇନ ନିଶା କାରବାରକୁ ରୋକାଯାଇପାରୁନାହିଁ । ଜିଲ୍ଲା ବାହାରୁ ବେପାରୀ ଆସି ସ୍ଥାନୀୟ ଅଞ୍ଚଳର ଖୁଚୁରା ବେପାରୀଙ୍କୁ ବ୍ରାଉନ୍‌ସୁଗର ଯୋଗାଇ ଦେଉଛନ୍ତି । ସେମାନେ ଛୋଟ ପୁଡ଼ିଆ କରି ଏହାକୁ ଚଢ଼ା ଦରରେ ନିଶାଡ଼ିଙ୍କୁ ବିକ୍ରି କରୁଛନ୍ତି । ଜାରକା ଷ୍ଟାଡ଼ିୟମ ନିକଟ କାଜୁ ଜଙ୍ଗଲ, ଦେଉଳି ପାହାଡ, ଧର୍ମଶାଳା ବଜାର ନିକଟସ୍ଥ ବ୍ରାହ୍ମଣୀ ନଦୀବନ୍ଧ, ସିଂହାରଶୁଣି ମଠ, ବୌଦ୍ଧ ସଂସ୍କୃତି ସମ୍ପନ୍ନ ଲାଙ୍ଗୁଡି ପାହାଡ, ଉତ୍ତରଶାସନ ଗାଁ ଅମରେଶ୍ୱରୀ ମନ୍ଦିର ଆଦି ନିଛାଟିଆ ସ୍ଥାନରେ ବ୍ରାଉନସୁଗର କାରବାର ଓ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି । ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାର କେତେକ ସ୍ଥାନରେ ଯୁବକମାନେ ବ୍ରାଉନସୁଗର ଭର୍ତ୍ତି ସିଗାରେଟ୍ ଓ ଗଞ୍ଜେଇ ଟାଣିବା ସହିତ ମଦ୍ୟପାନ ମଧ୍ୟ କରୁଛନ୍ତି । ବ୍ରାଉନ୍‌ସୁଗର ବେପାରୀ ଓ ସେବନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

## ଦୁର୍ଘଟଣାରେ ୨ ଶିକ୍ଷକ ଆହତ

**ପାଣିକୋଇଲି, ୧୨ ।୨(ସମିସ):** ୧୬ନଂ ଜାତୀୟ ରାଜପଥ ନିକଟରେ ୨ ଶିକ୍ଷକ ଛିଡ଼ା ହୋଇଥିବାବେଳେ ଏକ ଟ୍ରକ ସାଇଡ୍ ମାରିବାରୁ ସେମାନେ ଆହତ ହୋଇଥିଲେ । ଆମେ ଆପଣଙ୍କ ପାଇଁ ହେଲଫିଂ ଗ୍ରୁପର ସଦସ୍ୟ ସେମାନଙ୍କୁ ପ୍ରାଥମିକ ଚିକତ୍ସା କରାଇ ଘରକୁ ପଠାଇଥିବା ଜଣାପଡ଼ିଛି । ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଆଦର୍ଶ ବିଦ୍ୟାଳୟର ଦୁଇ ଶିକ୍ଷକ ମାହାନ୍ତି ଚରଣ ବୋଦ୍ରାଙ୍କ ପୁଅ ରାଜକିଶୋର ବୋଦ୍ରା (୨୬) ଓ ରଘୁନାଥ ନାୟକଙ୍କ ପୁଅ କ୍ଷେତ୍ରମୋହନ ନାୟକ(୨୭) ବାଇକ୍ ଯୋଗେ କଟକ ଯାଉଥିଲେ । ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସିଙ୍ଗଡା ଓଭରବ୍ରିଜ ନିକଟରେ ବାଇକ ରଖି ଦହିବରା ଦୋକାନକୁ ଯାଇଥିଲେ । ସେଠାରୁ ଗାଡ଼ି ପାଖକୁ ଫେରୁଥିବାବେଳେ ଏକ ଲୁହାପଥର ବୋଝେଇ ଟ୍ରକ୍ ସାଇଡ ମାରିଥିଲା । ଫଳରେ ସେମାନେ ରାସ୍ତାରେ ପଡି ଆହତ ହୋଇଥିଲେ ।

## ଅରେଇକଣା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଧର୍ମଶାଳା,୧୨।୨(ସମିସ):**ଧର୍ମଶାଳା ବ୍ଲକ୍ ଅରେଇକଣାସ୍ଥ ପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ସମାଜସେବୀ ମିନତୀ ସାହୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ଅଭିଜିତ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଦୁଷ୍ମନ୍ତ ରାୟ, ଆଞ୍ଚଳିକ ସାଧନ କେନ୍ଦ୍ର



ଅଧିକାରୀ ସୁଶାନ୍ତ ପ୍ରଧାନ, ସ୍ଥାନୀୟ ସରପଞ୍ଚ ସଞ୍ଜୟ ରାୟ ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଜଗତସିଂହପୁର ଜିଲ୍ଲା ଅରିଲୋ ଶିଶୁ ଅନନ୍ତ ଆଶ୍ରମର ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ଯୋଗଦେଇ ଛାତ୍ରଛାତ୍ରୀ ପାଠପଢ଼ିବା ସହ ଆଧ୍ୟାତ୍ମିକବାଦ ସହିତ ଜଡ଼ିତ ହେବାକୁ ପରାମର୍ଶ ଦେଇଥିଲେ । ଏ ଅବସରରେ ମୁଖପତ୍ର ଅରୁଣିମାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ବିଭିନ୍ନ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଷ୍ଟୁଡେଣ୍ଟ ଅଫ୍ ଦି ଇୟର ଭାବେ ଅଙ୍କିତା ସୁବୁଦ୍ଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ସଞ୍ଜୟ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶିକ୍ଷକ କାଳୁ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶିକ୍ଷୟିତ୍ରୀ ସଙ୍ଗୀତାରାଣୀ ଜେନା, ଦ୍ରୌପଦୀ ନାୟକ, ଶିକ୍ଷକ ପ୍ରଦୀପ ରାଉତ, ଦେବରଞ୍ଜନ ରାଉତରାୟ, ଚୁଗୁଲି ମହାନ୍ତି. ପ୍ରମୋଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଜିଲ୍ଲା ମହୋତ୍ସବ 'ଯଯାତି'

# ହିମାଂଶୁଙ୍କ ନିକଟରେ ବନ୍ଧା ପଡ଼ିଲା ଜିଲ୍ଲା ପ୍ରଶାସନ!

**ଯାଜପୁର,୧୨ ।୨(ସମିସ)**

ଜିଲ୍ଲାର କଳା, ସଂସ୍କୃତି, ସାହିତ୍ୟର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲାରେ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ହୁଏ ଜିଲ୍ଲା ମହୋତ୍ସବ । ଜିଲ୍ଲା ପ୍ରଶାସନ ଦଳମତ ନିର୍ବିଶେଷରେ ସମାଜର ସବୁ ବର୍ଗକୁ ସମ୍ମାନ ଜଣାଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଥାଏ । ଏଥିପାଇଁ ରାଜ୍ୟ ସଂସ୍କୃତି ପରିଷଦ ପକ୍ଷରୁ ସୀମିତ ଅର୍ଥର ବ୍ୟୟବରାଦ ହୋଇଥାଏ । ତେବେ ଚଳିତ ବର୍ଷ ଯାଜପୁର ଜିଲ୍ଲା ମହୋତ୍ସବ 'ଯଯାତି' ଆୟୋଜନରେ ନାନା ବ୍ୟତିକ୍ରମ ଦେଖିବାକୁ ମିଳିଛି ।

ରାଜ୍ୟରେ ବିଜେପି ସରକାର ଆସିବାର ଅଳ୍ପଦିନ ମଧ୍ୟରେ ପ୍ରଥମଥର ପାଇଁ ଏଭଳି ଏକ ମହୋତ୍ସବ ପାଇଁ ନିଷ୍ପତ୍ତି ନେଇଥିଲା ଜିଲ୍ଲା ପ୍ରଶାସନ । ପୂର୍ବ ବର୍ଷମାନଙ୍କରେ ବିଜୁ ଜନତା ଦଳ ସରକାର ସମୟରେ ସ୍ଥାନୀୟ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଉଦ୍ୟମରେ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରର କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା । ପ୍ରତ୍ୟେକ ଦିନ ଲକ୍ଷାଧିକ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳେ । ଚଳିତ ବର୍ଷ ତରବରିଆ ଭାବେ କୁସୁମା ପଡ଼ିଆରେ ଏହି ମହୋତ୍ସବ ପାଇଁ ନିଷ୍ପତ୍ତି ନେଇ ପୂର୍ବ ବର୍ଷମାନଙ୍କ ଭଳି ମହୋତ୍ସବ କରିବା ପାଇଁ ପ୍ରଚାର କରାଯାଇଥିଲା । ବଲିଉଡ କଣ୍ଠଶିଳ୍ପୀ ନେହା କକ୍କରଙ୍କଠାରୁ ଆରମ୍ଭ କରି ଶଙ୍କର ମହାଦେବନଙ୍କ ଭଳି କଳାକାର ଆସିବା ନେଇ ଜୋରଦାର ଚର୍ଚ୍ଚା ହୋଇଥିଲା । ଏଥିପାଇଁ ଆବଶ୍ୟକ ପଡୁଥିବା ଅର୍ଥ ଆସିବା ନେଇ ଚିନ୍ତା ବଢ଼ିବା ପରେ ବଲିଉଡ କଳାକାର ସଂଖ୍ୟାକୁ ସୀମିତ କରିବାକୁ ଚିନ୍ତା କରାଯାଇ କେବଳ ଜୁବିନ ନଟିୱାଲ, ମୋନାଲି ଠାକୁର ଓ ସୁଖବିନ୍ଦର ସିଂଙ୍କୁ ଅଣାଯିବାକୁ ନିଷ୍ପତ୍ତି ହୋଇଥିଲା । ପୂର୍ବ ବର୍ଷମାନଙ୍କରେ ସମସ୍ତ ଆୟୋଜନ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଦାୟିତ୍ୱ ନେଇ କରୁଥିବାବେଳେ ଚଳିତ ଥର କିଏ କରିବ ବୋଲି ଚିନ୍ତା ପଡିଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଠି ମାଧ୍ୟମରେ କଳିଙ୍ଗନଗରର ବିଭିନ୍ନ ଶିଳ୍ପାଞ୍ଚଳରୁ ଆରମ୍ଭ କରି ଖଣି ମାଲିକଙ୍କୁ ଆର୍ଥିକ ସହଯୋଗ ପାଇଁ ଚିଠି କରାଯାଇଥିଲା । ଏପରିକି ଉକ୍ତ ଚିଠିକୁ ଆଳ କରି ବିଜେପି ବିଧାୟକ ବିଭିନ୍ନ ଶିଳ୍ପ ସଂସ୍ଥାଠାରୁ ଆରମ୍ଭ କରି ଠିକାଦାର, ଲିଜଧାରୀଙ୍କ ଠାରୁ ମୋଟା ଅଙ୍କର ଚାନ୍ଦା ଆଦାୟ କରିଥିବା କୁହାଯାଉଛି ।

ପୂର୍ବ ବର୍ଷର ଜିଲ୍ଲା ମହୋତ୍ସବକୁ ତୁଳନା କରିବାକୁ ଯାଇ ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ସିଧାସଳଖ ଚାନ୍ଦା ଆଦାୟରେ ଲାଗି ପଡିଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଚାନ୍ଦା ପାଇଁ ଜାରି କରାଯାଇଥିବା କେତେକ ଚିଠି ଏ ମୋବାଇଲରୁ ସେ ମୋବାଇଲକୁ ଘୁରି ବୁଲୁଛି । ଏହି ଚାନ୍ଦା ଆଦାୟ ପାଇଁ ଧର୍ମଶାଳା ବିଧାୟକ ହିମାଂଶୁ ସାହୁ ନିଜ ଆଡୁ ଦାୟିତ୍ୱ ନେଇଥିବା ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଏବେ ସେହି ଧର୍ମଶାଳା ଅଞ୍ଚଳରେ ବେଆଇନ କଳାପଥର ଚୋରାଚାଲାଣ ଘଟଣା ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି । ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଏ ନେଇ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି । ବେଆଇନ କଳାପଥର ଚାଲାଣ ବନ୍ଦ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ମଧ୍ୟ ଦେଇଛନ୍ତି । ସେପଟେ ଯେଉଁମାନେ ସରକାରୀ ଲିଜ୍ ନେଇ ଟିକସ ଦେଉଛନ୍ତି, ସେମାନେ ମଧ୍ୟ ଖୋଦ ଜିଲ୍ଲା ପ୍ରଶାସନ ନିକଟରେ ଧର୍ମଶାଳା ତହସିଲ ଅଞ୍ଚଳରେ ବ୍ୟାପକ ଚୋରାଚାଲାଣ କରାଯାଉଛି । ଯାହାର ପ୍ରଭାବ ସେମାନଙ୍କ ବ୍ୟବସାୟ ଉପରେ ପଡୁଥିବା ଲିଖିତ ଅଭିଯୋଗ କରିଛନ୍ତି । ତେବେ କିଏ ସେହି ଅଦୃଶ୍ୟଶକ୍ତି ଯାହାର ନିର୍ଦ୍ଦେଶରେ ଦିନ ଦ୍ୱିପ୍ରହରରେ ଏଭଳି ଚୋରା ଚାଲାଣ ଚାଲୁଛି ଓ ଜିଲ୍ଲା ପ୍ରଶାସନ କିମ୍ବା ଖଣି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ, ତାକୁ ନେଇ ଚର୍ଚ୍ଚା ଜୋର ଧରିଛି ।

କୁହାଯାଉଛି ଏହି ଜିଲ୍ଲା ମହୋତ୍ସବ ଆୟୋଜନ ପଛରେ ଧର୍ମଶାଳାର ଚୋରା କଳାପଥର ବେପାରୀଙ୍କ ମୁଖ୍ୟ ସହଯୋଗ ରହିଛି । ଯାହାର ଆଭାସ ଗତକାଲିର କାର୍ଯ୍ୟକ୍ରମରେ ସର୍ବସାଧାରଣରେ ଦେଖିବାକୁ ମିଳିଥିଲା । ବଲିଉଡ କଣ୍ଠଶିଳ୍ପୀ ସୁଖବିନ୍ଦର ସିଂ ଗୀତ ପରିବେଶଣ କରିବା ମଝିରେ ଗୋଟିଏ ଘୋଷଣା କରିଥିଲେ । ସେ ଏକ କାଗଜରେ ଲେଖାଯାଇଥିବା ଘୋଷଣା ପଢ଼ି ଏ ଯେଉଁ ମହୋତ୍ସବ ଆୟୋଜନ ହେଉଛି, ତା'ର ସମସ୍ତ ଆୟୋଜନ ଧର୍ମଶାଳା ବିଧାୟକ ହିମାଂଶୁ ସାହୁ କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ । ଯାହାକୁ ଶୁଣିବା ପରେ ହିମାଂଶୁ ହିଁ ଏହି ମହୋତ୍ସବର ଏକମାତ୍ର ପ୍ରାୟୋଜକ ବୋଲି ପ୍ରମାଣିତ ହୋଇଛି । ଏହି ମହୋତ୍ସବ ଆୟୋଜନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ହିମାଂଶୁ କେଉଁଠାରୁ ଏତେ ଟଙ୍କା ଆଣିଲେ ବା କାହିଁକି ବା ଦେବେ ତାକୁ ନେଇ ତର୍ଜମା ଆରମ୍ଭ ହୋଇଛି । ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ଏଭଳି ଏକ ଘୋଷଣା ପାଇଁ କିଏ ନିର୍ଦ୍ଦେଶ ଦେଇଥିଲା ? ମହୋତ୍ସବରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ବିଭିନ୍ନ ଶିଳ୍ପ ସଂସ୍ଥା ସେମାନଙ୍କ ସହଯୋଗ ଦେଇଥିବାବେଳେ ଆୟୋଜନର ସମସ୍ତ ଶ୍ରେୟ ହିମାଂଶୁଙ୍କୁ ଦେବାକୁ କିଏ ଅନୁମତି ଦେଲା, ତାହା ତଦନ୍ତ ସାପେକ୍ଷ । ଜିଲ୍ଲା ପ୍ରଶାସନକୁ ଚାନ୍ଦା ଆଦାୟ କରି ଦେଇଥିବା ହିମାଂଶୁ ସତରେ କ'ଣ ଜିଲ୍ଲା ପ୍ରଶାସନକୁ ବନ୍ଧା ପକାଇ ଦେଇଛନ୍ତି କି? ନାଁ ଆଗାମୀ ଦିନରେ ସମଗ୍ର ଧର୍ମଶାଳା ଅଞ୍ଚଳରେ ବ୍ୟାପକ ମାତ୍ରାରେ ଲୁଟ୍‌ପାଟ ହେବ ଓ ସବୁ ଜାଣିଶୁଣି ଜିଲ୍ଲା ପ୍ରଶାସନ ଚୁପ୍ ରହିବାକୁ ବାଧ ହେବ, ତାହା ଦେଖିବାକୁ ବାକି ରହିଲା ।

■ ଅର୍ଜୁନ-ଚନ୍ଦନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ପଲେଇକୁ ପରାସ୍ତ କରି ସୁନାପାଳ ଚାମ୍ପିଅନ୍



**ବାଲିଚନ୍ଦ୍ରପୁର, ୧୨।୨(ସମିସ)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଣ୍ଡୁକାସ୍ଥ ମା' ଦୁର୍ଗା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ କ୍ଲବ୍‌ର ଦୁଇ ଖେଳାଳି ଅର୍ଜୁନ ଓ ଚନ୍ଦନଙ୍କ ସ୍ମୃତିରେ ମାଣ୍ଡୁକା ଖେଳ ପଡ଼ିଆରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ପଲେଇ ଓ ସୁନାପାଳ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ପଲେଇ ଟିମ ବ୍ୟାଟିଂ କରି ୧୮.୨ ଓଭରରେ ସମସ୍ତ ୱିକେଟ ହରାଇ ୧୯୮ ରନ ସଂଗ୍ରହ କରିଥିଲା । ଜବାବରେ ସୁନାପାଳ ଟିମ ୧୭.୩ ଓଭରରେ ୧୯୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ତୋଫାନ ଦଳେଇ, ସୁଦର୍ଶନ ଦଳେଇ, ଦୁର୍ଯ୍ୟୋଧନ ଦଳେଇ ଖେଳ ପରିଚାଳନା କରିଥିଲେ । କ୍ଲବ୍‌ର ସଭାପତି ମାନସ ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ନରୋତ୍ତମ ବାରିକ ଯୋଗଦେଇ ଚାମ୍ପିଅନ ଟିମକୁ ନଗଦ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଭକ୍ତଚରଣ ସାହୁ ଯୋଗଦେଇ ଉପବିଜେତା ଦଳକୁ ନଗଦ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଶାନ୍ତ ବଳ, ଗୋପାଳ ମହାନ୍ତି, ସମିତିସଭ୍ୟା ମିନତୀ ଦଳେଇ, ସୁଧୀର ଦାସ, ସାମ୍ବାଦିକ ବିରେନ୍ଦ୍ର ନାୟକ, ହେମନ୍ତ ଦାସ, ସତ୍ୟାନନ୍ଦ ମଲ୍ଲିକ, ଦିଲ୍ଲୀପ ସାହୁ, ପ୍ରଶାନ୍ତ ମହାନ୍ତି, ସଦାନନ୍ଦ ଦଳେଇ, ପ୍ରହଲ୍ଲାଦ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ରତିକାନ୍ତ ଦଳେଇ, ଶ୍ୟାମସୁନ୍ଦର ଦଳେଇ, ପ୍ରତାପ ଦଳେଇ, ହେମନ୍ତ ଦଳେଇ, ନାରାୟଣ ଦଳେଇ, ଋଷି ଦଳେଇ, ଅଙ୍କୁର ଦଳେଇ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । ସହସମ୍ପାଦକ କରୁଣାକର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଧର୍ମଶାଳା, ୧୨।୨(ସମିସ):** ଧର୍ମଶାଳାର ଅଞ୍ଜିରା ପଞ୍ଚାୟତ ବାଲିସାହି ବ୍ରାହ୍ମଣୀ ଦେବୀ ହାଇସ୍କୁଲରେ ଧର୍ମଶାଳା ପଞ୍ଚାୟତ ସମିତି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବ୍ଲକର ଦ୍ୱିତୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ଭିନ୍ନକ୍ଷମ ବ୍ୟକ୍ତିବିଶେଷ ପହଞ୍ଚି ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ । ଏହି ଶିବିରରେ ୩୪୦ ଜଣ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜୀକରଣ କରିଥିଲେ । ଧର୍ମଶାଳା ବିଡିଓ ଦେବେନ୍ଦ୍ର ବଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ବେହେରା, ଜୁନିଅର ଆସିଷ୍ଟାଣ୍ଟ ରାଜଲକ୍ଷ୍ମୀ ମହାପାତ୍ର, ପ୍ରୋଗ୍ରାମ ସହାୟକ ତାପସ ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ୫ ଜଣ ଡାକ୍ତର ଓ ୫ ଜଣ ସହାୟକ ଯୋଗଦେଇ ଭିନ୍ନକ୍ଷମଙ୍କୁ ପରୀକ୍ଷା କରି ଚିହ୍ନଟ କରିଥିଲେ । ଚିହ୍ନଟ ହୋଇଥିବା ଭିନ୍ନକ୍ଷମ ଅନଲାଇନରେ ନିଜର ଭିନ୍ନକ୍ଷମ ପ୍ରମାଣପତ୍ର ଆବେଦନ କରିବା ପରେ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି ।

## ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ବାର୍ଷିକ ଉତ୍ସବ

**ବାଲିଚନ୍ଦ୍ରପୁର/କୁନ୍ଦଲ,୧୨।୨(ସମିସ):** ବଡ଼ଚଣା ବ୍ଲକ ପତରାଜପୁରସ୍ଥ ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲର ବାର୍ଷିକ ଉତ୍ସବ ଉପାଧକ୍ଷ ନାରାୟଣ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଭକ୍ତଚରଣ ସାହୁ ଯୋଗଦେଇ ପିଲାଙ୍କ ଭବିଷ୍ୟତ ଗଠନରେ ପିତାମାତା ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ସିଆରସିସି ଏକାଦଶୀ ମଲ୍ଲିକ, ସରପଞ୍ଚ ତନୁଶ୍ରୀ ଦାସ, ସମିତି ସଭ୍ୟ କୁଳମଣି ବାରିକ, ପରିଚାଳନା କମିଟି ସଭାପତି ମିର୍ଜା ମନୁୱର ଅଲ୍ଲୀ ବେଗ ଓ ସମ୍ପାଦିକା ସୌଭାଗ୍ୟଲକ୍ଷ୍ମୀ ବଳ ପ୍ରମୁଖ ଯୋଗ ଦେଇଥିଲେ । ଦୁଇ ଛାତ୍ରଛାତ୍ରୀ ଆୟୁଷ ପ୍ରଜ୍ଞାବିତ ଓ ଚିନ୍ମୟୀ ପୃଷ୍ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷାଲାଭ କରିବା ସୁଯୋଗ ପାଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ବ୍ରିଗେଡ୍ ମେଡାଲ ପ୍ରଦାନ କରାଯାଇଥିଲା । ପ୍ରତିଷ୍ଠାତା ପ୍ରକାଶ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ବିଜୟାଲକ୍ଷ୍ମୀ ବସ୍ତିଆ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ପ୍ରକାଶ ରାଉତରାୟ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଙ୍ଗୀତ ଗୁରୁ ଅଜୟ ଜେନା ଓ ନୃତ୍ୟଗୁରୁ ଅର୍ଚ୍ଚନା ଜେନାଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ତୃପ୍ତିମୟ ସାହୁ, ସନ୍ତୋଷ ନାୟକ, ଲକ୍ଷ୍ମୀପ୍ରିୟା ପଣ୍ଡା, ସୁବର୍ଣ୍ଣା ସାହୁ ଓ କାଞ୍ଚନବାଳା ଦାସଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

● ବିଳମ୍ବରେ ସ୍କୁଲ ଆସୁଛନ୍ତି ଶିକ୍ଷକ

## ଫାଟକରେ ତାଲା ପକାଇଲେ ପ୍ରଧାନଶିକ୍ଷୟିତ୍ରୀ

**ଦଶରଥପୁର,୧୨।୨(ସମିସ):** ଦଶରଥପୁର ଶିକ୍ଷାମଣ୍ଡଳ ଅନ୍ତର୍ଗତ ଦଶରଥପୁର ସରକାରୀ ଉଚ୍ଚବିଦ୍ୟାଳୟରେ ଘଟିଛି ଅଭାବନୀୟ ଘଟଣା । ବିଦ୍ୟାଳୟର କିଛି ଶିକ୍ଷକ ଶିକ୍ଷୟିତ୍ରୀ ନିୟମିତ ସରକାରୀ ନିୟମ ଉଲ୍ଲଂଘନ କରି ବିଳମ୍ବରେ ଆସୁଥିବା କାରଣକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ । ଫଳରେ ୪ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟାଳୟ ଭିତରକୁ ପ୍ରବେଶ କରିପାରି ନ ଥିଲେ । ଫାଟକରେ ତାଲା ପଡ଼ିଥିବା ହେତୁ ବିଳମ୍ବରେ ଆସିଥିବା କିଛି ଛାତ୍ରଛାତ୍ରୀ ମଧ୍ୟ ବିଦ୍ୟାଳୟ ଭିତରେ ପ୍ରବେଶ କରିପାରି ନ ଥିଲେ । ପରେ କେତେକ ଅଭିଭାବକ ଓ ସ୍ଥାନୀୟ ମୁରବୀଙ୍କ ହସ୍ତକ୍ଷେପ ପରେ ପ୍ରଧାନ ଶିକ୍ଷୟିତ୍ରୀ ଫାଟକ ସମ୍ମୁଖରେ ଅଟକି ରହିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ଭିତରକୁ ପ୍ରବେଶ ପାଇଁ ଅନୁମତି ଦେଇଥିଲେ ମଧ୍ୟ ଉପସ୍ଥାନ ଖାତାରେ ଦସ୍ତଖତ କରିବାକୁ ବାଣ କରିଥିବା ଜଣାପଡ଼ିଛି । ସେହିପରି ବିଳମ୍ବରେ ଆସିଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ନିର୍ଦ୍ଧାରିତ ସମୟରେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପଠାଇବାକୁ ପରାମର୍ଶ ଦେଇଥିଲେ । ସୂଚନା ମୁତାବକ, ଦଶରଥପୁର ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ କେତେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଦୀର୍ଘଦିନ ଧରି ସରକାରଙ୍କ ନିର୍ଦ୍ଧାରିତ ସମୟ ନିର୍ଘଣ୍ଟକୁ ଉଲ୍ଲଙ୍ଘନ କରି ନିଜ ଇଚ୍ଛା ଅନୁସାରେ ବିଦ୍ୟାଳୟକୁ ଆସିବା ଓ ବିଦ୍ୟାଳୟରୁ ପଳାଇଯାଉଥିବା ନେଇ ବହୁ ଅଭିଭାବକ ଓ ସ୍ଥାନୀୟ ଲୋକ ଅଭିଯୋଗ କରିଆସୁଥିଲେ । ଏ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟ ସାହୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟ ଆସିବାକୁ ତାଗିଦ୍ କରିଥିଲେ ମଧ୍ୟ ସେଥିରେ ସୁଫଳ ନ ମିଳିବାରୁ ଆଜି ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ ।




ଶୁଣୁନି ଜିଲ୍ଲା ପ୍ରଶାସନ

## ଦେଢ଼ ବର୍ଷ ଧରି ଗୋଟିଏ ପରିବାରକୁ ନିଆଁପାଣି ବାସନ୍ଦ

**ଯାଜପୁର, ୧୨ ।୨(ସମିସ)**

ସମାଜରେ ଯେତିକି ପରିବର୍ତ୍ତନ ହେଉଛି, ସେତିକି ମଧ୍ୟ କୁସଂସ୍କାର ଭରି ରହିଛି । ଆଜି ବି ଲୋକେ କୌଣସି ନା କୌଣସି କାରଣରୁ ଲୋକଙ୍କୁ ନିଆଁପାଣି ବାସନ୍ଦ କରୁଛନ୍ତି । ଯାହାର ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନତୀଦୂର ପଣସା ପଞ୍ଚାୟତର ବିନ୍ଧାଣ ଗ୍ରାମରେ । ଦେଢ଼ ବର୍ଷ ହେବ ଗୋଟିଏ ପରିବାର ଏକଘରିକିଆ ହୋଇ ମାନସିକ ଯନ୍ତ୍ରଣାରେ ଜୀବନ କାଟୁଛନ୍ତି । ୭୬ ବର୍ଷୀୟ ବୃଦ୍ଧ ନ୍ୟାୟ ପାଇଁ ପ୍ରଶାସନ ଓ ପୁଲିସ ନିକଟକୁ ଦୌଡ଼ି ଦୌଡ଼ି ଭାଙ୍ଗିପଡ଼ିଛନ୍ତି ।

ସୂଚନା ମୁତାବକ, ଯାଜପୁର ବ୍ଲକ୍ ପଣସା ପଞ୍ଚାୟତ ବିନ୍ଧାଣ ଗ୍ରାମର ହରେକୃଷ୍ଣ ପରିଡ଼ା (୭୫) ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ । ସେ ପରିବାର ସହ ରହୁଥିବାବେଳେ ୨୦୨୩ ଅଗଷ୍ଟ ମାସରୁ ତାଙ୍କ ପରିବାରକୁ କୌଣସି କାରଣବଶତଃ କୈବର୍ତ୍ତ ସମାଜଠାରୁ ଅଲଗା ରଖାଯାଇଥିବା ଅଭିଯୋଗ ହୋଇଛି । ଯଦି କେହି ସମ୍ପୃକ୍ତ ପରିବାର ସଦସ୍ୟଙ୍କ ସହ କଥା ହେଉଛନ୍ତି, ସେମାନଙ୍କୁ ୫୦୦୦ ଟଙ୍କା ଜରିମାନା ଭୟ ଦେଖାଇ ଦୂରେଇ ରଖାଯାଉଛି । କିଛି ଖଳ ପ୍ରକୃତିର ଲୋକଙ୍କ ଏହା ଏକ ରାଜନୈତିକ ଷଡ଼ଯନ୍ତ୍ର ଯୋଗୁଁ ପରିବାରର ଲୋକେ ଅସହାୟ ଜୀବନ କାଟୁଛନ୍ତି । ଏପରିକି ପରିବାରର ସଦସ୍ୟଙ୍କ ମୃତ୍ୟୁରେ ବି ସୁଧିକ୍ରିୟାରୁ ବଞ୍ଚିତ କରାଯାଇଥିବା ହରେକୃଷ୍ଣ କହିଛନ୍ତି । ଏପରିକି ଶାନ୍ତିରେ ବଞ୍ଚିବାକୁ ହେଲେ ବୃଦ୍ଧଙ୍କୁ ଦେଢ଼ ଲକ୍ଷ ଟଙ୍କା ସହ କିଛି ଜମି ଦେବାକୁ ଚାପ ପକାଯାଉଥିବା ସେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଜରିଆରେ ଅଭିଯୋଗ କରିଛନ୍ତି । ବୃଦ୍ଧ ଜଣକ ନିଜର ଅସହାୟତା ସମ୍ପର୍କରେ ଯାଜପୁର ଥାନାଧିକାରୀ, ଯାଜପୁର ତହସିଲଦାର, ବିଡିଓଙ୍କ ସହ ଜିଲ୍ଲାପାଳଙ୍କୁ ଘଟଣା ସମ୍ପର୍କରେ ଅବଗତ କରି ନିରାଶ ହୋଇଥିଲେ । ପରେ ରାଜ୍ୟପାଳ, ମାନବାଧିକାର କମିଶନ, ପୁଲିସ ମହାନିର୍ଦ୍ଦେଶକଙ୍କୁ ମଧ୍ୟ ନିଜର ଦୁଃଖ କାହାଣୀ ଜଣାଇଛନ୍ତି । ତଥାପି ବୃଦ୍ଧ ହରେକୃଷ୍ଣ କିପରି ନ୍ୟାୟ ପାଇବେ, ସେ ନେଇ କେହି ବି ଉଦ୍ୟମ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି । ଏହି ପରିବାର କିପରି ନ୍ୟାୟ ପାଇବ, ସେ ନେଇ ପ୍ରଶାସନ କୌଣସି କ୍ୟାର୍ଯ୍ୟାନୁଷ୍ଠାନ ନେଉ ବୋଲି ସେ ଦାବି କରିଛନ୍ତି । ନଚେତ ସେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିବେ ବୋଲି କହିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନାକ ତଳେ ଥିବା ଏହି ପରିବାର ନ୍ୟାୟ ପାଇବା ପାଇଁ ଦୀର୍ଘଦିନ ଧରି ଅପେକ୍ଷା କରି ରହିଥିବାବେଳେ ଜିଲ୍ଲାର ଅନ୍ୟ ଦୂରଦୂରାନ୍ତ ଲୋକେ କିଭଳି ନ୍ୟାୟ ପାଉଥିବେ, ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ତୁରନ୍ତ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

### କାହାକୁ ନାହିଁ ଭୟ

# ନଦୀପଠାରୁ ମାଟି ଉଠାଇ ପମ୍ପ ହାଉସ୍ କାମରେ ଲଗାଉଛନ୍ତି ଠିକାଦାର

ଯଖପୁରା, ୧୨।୨(ସମିସ)



ଯେକୌଣସି ଠିକା କାର୍ଯ୍ୟ ପାଇଁ ପ୍ରଶାସନ ପକ୍ଷରୁ ଖର୍ଚ୍ଚ ହେବାକୁ ଥିବା ସମସ୍ତ ଜିନିଷକୁ ହିସାବ କରି ଏହାର ବ୍ୟୟବରାଦ କରିଯାଏ। ଏହାକୁ ଆଖି ଆଗରେ ରଖି ଠିକାଦାର ମଧ୍ୟ ସେହି ଅନୁସାରେ ଟେଣ୍ଡର ପକାଇଥାଏ। ମାତ୍ର ଠିକାଦାରଙ୍କୁ କାର୍ଯ୍ୟ ପାଇଁ ଅନୁମତି ମିଳିବା ପରେ ଆବଶ୍ୟକ ପଡୁଥିବା ବହୁ ପରିମାଣର ମାଟି ବିନା ଅନୁମତିରେ ଖୋଳି ନେଇ ନିଜ କାର୍ଯ୍ୟରେ ଲଗାଉଛି। ଏହି ଲୁଟ୍ ମାଟିର ବିଲ କରାଇ ନିଜେ ଲକ୍ଷ ଲକ୍ଷ ଟଙ୍କାର ମୁନାଫା କରି ରାଜସ୍ୱ କ୍ଷତି କରାଉଛନ୍ତି ଠିକାକାର। ସେମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ପଙ୍କପାଳ ପଞ୍ଚାୟତର ବ୍ରାହ୍ମଣୀ ପୋଲ ପାଖ ଇଡ୍‌କୋ ପମ୍ପ ହାଉସ କାମରେ।

ଇଡ୍‌କୋ ପକ୍ଷରୁ ବ୍ରାହ୍ମଣୀ ନଦୀରୁ ବୋରୱେଲ ମାଧ୍ୟମରେ ପାନୀୟଜଳ ପ୍ରକଳ୍ପ ପାଇଁ ଏମଏସ ମାରୁତି କନଷ୍ଟ୍ରସନ୍ କମ୍ପାନୀକୁ ୧୯ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟଭାର ଦିଆଯାଇଛି। ପମ୍ପ୍ ହାଉସରେ ବୋଲ୍ଡର ପ୍ୟାକିଂ ପାଇଁ ଆବଶ୍ୟକ ପଡୁଥିବା ମାଟି ଠିକାଦାର ପ୍ରଶାସନ ପକ୍ଷରୁ ଦିଆଯାଉଥିବା ମାଟି ବା ମୋରମ ନେଇ ବ୍ୟବହାର କରିବା କଥା। ଠିକାଦାର କେତେକ ସ୍ଥାନୀୟ ଲୋକଙ୍କୁ ନେଇ ବେଆଇନ ମାଟି ଉଠାଇ ନିଜ କାର୍ଯ୍ୟରେ ଲଗାଉଛନ୍ତି। ନଦୀପଠାରୁ ବାରମ୍ବାର ମାଟି ଉଠାଯାଉଥିବାରୁ ଗ୍ରାମବାସୀ ପ୍ରତିବାଦ କରିଥିଲେ ମଧ୍ୟ ସ୍ଥାନୀୟ କିଛି ଅସାମାଜିକ ଯୁବକଙ୍କୁ ନେଇ ମାଟି ଉଠାଯାଉଛି। ପମ୍ପ ହାଉସରେ ମାଟି ଲାଗିବା ପାଇଁ ଅର୍ଥ ବ୍ୟୟବରାଦ କରାଯାଇଥିଲେ ମଧ୍ୟ ଠିକାଦାର ବେନିୟମ ଭାବେ ମାଟି ଉଠାଉଛି। ମାଟି ଉଠିବା ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି କରୁଛି। ଏଥିସହ ନଦୀର ଗତିପଥ ପରିବର୍ତ୍ତନ ହୋଇଛି। ସ୍ଥାନୀୟ ଲୋକଙ୍କ ଗାଧୁଆ ତୁଠରୁ ମାଟି ଉଠିବାରୁ ଏହା ଗଭୀର ଓ ଜୀବନ ପ୍ରତି ବିପଦ ସାବ୍ୟସ୍ତ ହୋଇପାରେ। ମାଟି ଉଠିବା ଦ୍ୱାରା ଏତେ ବଡ ବଡ ସମସ୍ୟା ଦେଖାଦେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

'ସକାଳ' ଖବରକାଗଜରେ ଗତ ଡିସେମ୍ବର ୧୮ ତାରିଖରେ ଠିକାଦାର ମାଟି ଉଠାଉଥିବା ଖବର ପ୍ରକାଶ ପାଇଥିଲା। ପ୍ରକାଶ ପାଇଥିବା ଖବରକୁ ଡିଡିଏମ ଓ ଲଘୁ ଖଣିଜ ବିଭାଗ ଅଧିକାରୀଙ୍କୁ ପଠାଯାଇଥିଲା। ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଡିଡିଏମଙ୍କ ସମେତ ଲଘୁ ଖଣିଜ ବିଭାଗ ଅଧିକାରୀ ଫୋନ ଉଠାଇ ନ ଥିଲେ। ତେବେ ପ୍ରଶାସନ ପକ୍ଷରୁ ଡିଡିଏମ୍ ଓ ଲଘୁ ଖଣିଜ ବିଭାଗ ଅଧିକାରୀ ପଙ୍କପାଳ ବାଲିଘାଟ-୧କୁ ଆସି ମେସିନ ଓ ଗାଡ଼ି ଜବତ କରିଥିଲେ। ଯାହାକି ପଙ୍କପାଳ ବାଲିଘାଟରୁ ଇଡ୍‌କୋ ପମ୍ପ ହାଉସର ଦୂରତ୍ୱ ମାତ୍ର ୩୦୦ ମିଟର। ଲଘୁ ଖଣି ନିଗମ କାର୍ଯ୍ୟାଳୟ ଓ ଡିଡିଏମ କାର୍ଯ୍ୟାଳୟ ଯାଜପୁର ଟାଉନରେ ହୋଇଥିବାବେଳେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଥରେ ମଧ୍ୟ ବେଆଇନ ଭାବେ ମାଟି ଉଠାଯାଉଥିବା ସ୍ଥାନକୁ ଆସି ନ ଥିଲେ। ବାଲିଘାଟରୁ ପମ୍ପ ହାଉସର ଦୂରତ୍ୱ ମାତ୍ର ୩୦୦ମିଟର ହୋଇଥିବାବେଳେ ପ୍ରଶାସନିକ ଅଧିକାରୀ ବାଲିଘାଟରୁ ଫେରିଯିବାର କାରଣ ପ୍ରଶାସନକୁ ସନ୍ଦେହ ଘେରକୁ ଆଣିଛି। ଖବର ପ୍ରକାଶ ପରେ ମଧ୍ୟ ଠିକାଦାର ବେନିୟମ ଭାବେ ମାଟି ଉଠାଇବାରେ ରୋକ ଲାଗୁନାହିଁ। ତେଣୁ ସମସ୍ତ ବେନିୟମ ମାଟି ଉଠାଣକୁ ବନ୍ଦ କରିବା ସହ ପୂର୍ବରୁ ଉଠାଯାଇଥିବା ମାଟିର ମୂଲ୍ୟାଙ୍କନ କରି ତାହାର ଭରଣା ଠିକାଦାର କରିବାକୁ ନିର୍ଦ୍ଦେଶ ଦିଆଯିବାକୁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ମିଶନ ଆଶ୍ରାରେ ଅପରିଚିତ ମହିଳାଙ୍କ ମୃତ୍ୟୁ

**ସୁକିନ୍ଦା,୧୨।୨(ସମିସ):** ମିଶନ ଆଶ୍ରାରେ ରହୁଥିବା ଜଣେ ଅପରିଚିତ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ପରିଚୟ ଜାଣିବା ପାଇଁ ପୁଲିସ ହେପାଜତରେ ମୃତଦେହ ରହିଥିବା ଜଣାପଡ଼ିଛି। ଯାଜପୁର ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ସୁକିନ୍ଦାରେ ଥିବା ମିଶନ ଆଶ୍ରାରେ ସଂପୃକ୍ତ ମହିଳା ରହୁଥିଲେ। ମିଶନ ଆଶ୍ରା ପକ୍ଷରୁ ସମ୍ପୃକ୍ତ ମହିଳାଙ୍କୁ ଗତ ଅଗଷ୍ଟ ୨୭ ତାରିଖରେ ପାଣିକୋଇଲି ଅଞ୍ଚଳରୁ ଉଦ୍ଧାର କରାଯାଇ ରଖାଯାଇଥିଲା। ସମ୍ପୃକ୍ତ ମହିଳା ନିଜର ନାମ ମାଳତୀ ସାହୁ ବୋଲି କହିବା ଛଡ଼ା ପରିଚୟ ପ୍ରକାଶ କରିପାରି ନ ଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ବୁଧବାର ମହିଳା ହଠାତ୍ ଚେତାଶୂନ୍ୟ ହୋଇପଡ଼ିଥିଲେ। ମିଶନ ଆଶ୍ରାର କର୍ମଚାରୀ ମହିଳାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିବା ସହ ସୁକିନ୍ଦା ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ୮/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ ମହିଳାଙ୍କ ପରିଚୟ ମିଳି ନ ଥିବା କାରଣରୁ ଦାନଗଦି ଡାକ୍ତରଖାନାରେ ମୃତଦେହ ରଖାଯାଇଛି। ତିନିଦିନ ମଧ୍ୟରେ ପରିଚୟ ନ ମିଳିଲେ ପ୍ରଶାସନ ପକ୍ଷରୁ ଶେଷକୃତ୍ୟ ସଂପନ୍ନ କରାଯିବ।

## ଅରଙ୍ଗାବାଦ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ଭୋଟ; ଫଳାଫଳ ସ୍ଥଗିତ

**ବରୀ,୧୨।୨(ସମିସ):** ଅରଙ୍ଗାବାଦ ପଞ୍ଚାୟତର ସରପଞ୍ଚ ନିରୁପମା ମଲିକଙ୍କ ବିରୋଧରେ ୱାର୍ଡ ସଭ୍ୟ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ମଙ୍ଗଳବାର ମତଦାନ ହୋଇଯାଇଛି। ୧୨ ଜଣ ୱାର୍ଡ ସଭ୍ୟସଭ୍ୟା ଓ ସରପଞ୍ଚଙ୍କୁ ମିଶାଇ ୧୩ ଜଣ ମତଦାନ କରିଛନ୍ତି। ମତଦାନ ପରେ ବାଲାଟ ପେପରକୁ ସିଲ୍ କରାଯାଇ ଜିଲ୍ଲା କୋଷାଗାରକୁ ପଠାଇ ଦିଆଯାଇଛି। ମତଦାନ ଲାଗି ହାଇକୋର୍ଟ ଅନୁମତି ଦେଇଥିଲେ ମଧ୍ୟ ଭୋଟ ଗଣତି ଓ ଫଳ ପ୍ରକାଶ ଉପରେ ଅଙ୍କୁଶ ଲଗାଇଛନ୍ତି। ଏହି ଅନାସ୍ଥା ଭୋଟ ବିରୋଧରେ ସରପଞ୍ଚ ନିରୁପମା ମଲିକ ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନେଇଥିଲେ। ଅନାସ୍ଥା ଭୋଟ ପାଇଁ ଯାଜପୁର ଉପଜିଲାପାଳ ୨୧.୦୧.୨୦୨୫ରେ ଆଗତ କରିଥିବା ନୋଟିସ ବିରୋଧରେ ଉଚ୍ଚ ନ୍ୟାୟାଳୟରେ ଆଗତ କରାଯାଇଥିବା ରିଟ୍ ପିଟିସନକୁ ବିଚାର କରି ଚଳିତ ମାସ ୧୭ ତାରିଖ ପର୍ଯ୍ୟନ୍ତ ଅନାସ୍ଥାର ଫଳାଫଳ ଘୋଷଣା ବନ୍ଦ ରଖିବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ପ୍ରିଜାଇଡିଂ ଅଫିସର ଭାବେ ବରୀର ଅତିରିକ୍ତ ତହସିଲଦାର କଲ୍ଲୋଳ ମିଶ୍ର ରହିଥିବାବେଳେ ଜିପିଇଓ ଲକ୍ଷ୍ମୀକାନ୍ତ ମହାରଣା, କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେଶ୍ୱର ନାୟକ ସହଯୋଗ କରିଥିଲେ।

## ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ

**ଦଶରଥପୁର,୧୨।୨(ସମିସ):** ଦଶରଥପୁର ଥାନା ଅଞ୍ଚଳର ଜଣେ ୧୩ ବର୍ଷୀୟ ନାବାଳିକାଙ୍କୁ ସେହି ଅଞ୍ଚଳର ଜଣେ ନିଶାସକ୍ତ ଯୁବକ ଦୁଷ୍କର୍ମ କରିବାକୁ ଉଦ୍ୟମ କରୁଥିବା ସମୟରେ ସ୍ଥାନୀୟ ଲୋକେ ଉଦ୍ଧାର କରିଥିବା ଦଶରଥପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ନାବାଳିକା ଜଣକ ସ୍ଥାନୀୟ ଅଞ୍ଚଳରେ ଚାଲିଥିବା ଜଲସା ଦେଖିବାକୁ ଯାଉଥିବାବେଳେ ତାଙ୍କୁ ଏକୁଟିଆ ଦେଖି ନିଶାସକ୍ତ ଅବସ୍ଥାରେ ଥିବା ସ୍ଥାନୀୟ ଅଞ୍ଚଳର ମୀର ନିଶାମୁଦ୍ଦିନ ରାସ୍ତା ପାଖର ବୁଦା ନିକଟକୁ ଟେକିନେଇ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା। ନାବାଳିକା ଚିତ୍କାର କରିବାରୁ ନିକଟରେ ଥିବା ସ୍ଥାନୀୟ ଲୋକେ ଆସିବାରୁ ନିଶାମୁଦ୍ଦିନ ସେଠାରୁ ଦୌଡ଼ି ପଳାଇଥିଲା। ନାବାଳିକାକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିବା ସହିତ ପରିବାର ଲୋକ ଏ ସମ୍ପର୍କରେ ଦଶରଥପୁର ଥାନାରେ ଅଭିଯୋଗ କରିଛନ୍ତି। ଦଶରଥପୁର ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ଅଭିଯୁକ୍ତ ନିଶାମୁଦ୍ଦିନ ଫେରାର ହୋଇଯାଇଛି।

● ଯୁବକର ଉନ୍ମତ୍ତ କାଣ୍ଡ

## ଶ୍ରେଣୀ ଗୃହରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଗୋଇଠା ମାଡ଼ ଅଭିଯୋଗ

**ଧର୍ମଶାଳା,୧୨।୨(ସମିସ):**ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଚୋରମୁହାଁ ପ୍ରକଳ୍ପ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍ଥାନୀୟ ଗ୍ରାମର ଜଣେ ଯୁବକ ଗୋଇଠା ମାରିବା ସହ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଆଜି ସ୍କୁଲରେ ଛାତ୍ରଛାତ୍ରୀ ପଢୁଥିବା ସମୟରେ ପ୍ରାୟ ୧୨ଟା ସମୟରେ ସ୍ଥାନୀୟ ଗ୍ରାମର ଶଙ୍କର ମହାନ୍ତି ନାମକ ଜଣେ ଯୁବକ ଶ୍ରେଣୀ ଗୃହରେ ପଶି ଧମକ ଦେଇଥିଲେ। ଏହା ଦେଖି ପ୍ରଧାନ ଶିକ୍ଷୟିତ୍ରୀ ରୁନାମଣି ଗୋଚ୍ଛାୟତ କାହିଁକି ସ୍କୁଲରେ ଏଭଳି କାଣ୍ଡ କରୁଛ ବୋଲି ପଚାରିବାରୁ ଯୁବକ ଜଣକ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗୋଇଠା ମାରିଥିଲା। ଏପରିକି ପଥର ଧରି ଗୋଡାଇଥିଲା। ଫଳରେ ଛାତ୍ରଛାତ୍ରୀ ଭୟରେ ଏଣେତେଣେ ଧାଇଁଥିଲେ। ଏହି ସମୟରେ ଗ୍ରାମର କେତେକ ଯୁବକ ଆସି ଉକ୍ତ ଯୁବକକୁ କାବୁ କରିବା ପରେ ପାଠପଢା ସ୍ୱାଭାବିକ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଏ ନେଇ ବ୍ଲକ ଶିକ୍ଷାଧିକାରୀ ଓ ସାଧନକେନ୍ଦ୍ର ଅଧିକାରୀଙ୍କୁ ଜଣାଇବା ପରେ ସନ୍ଧ୍ୟାରେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସ୍କୁଲ ପରିସରରେ ଜଣେ ଯୁବକ ଏଭଳି କାଣ୍ଡ ଘଟାଇଥିବାବେଳେ ସ୍କୁଲରେ ଶିକ୍ଷାଦାନ କରୁଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଯଥାଶୀଘ୍ର ଏହି ଘଟଣାରେ ପୁଲିସ ନ୍ୟାୟ ପ୍ରଦାନ କରିବା ସହିତ ସ୍କୁଲକୁ ସୁରକ୍ଷା ଦେବାକୁ ସାଧାରଣରେ ଦାବି ହୋଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କ୍ରୀଡ଼ା ଆରମ୍ଭ

**ଧର୍ମଶାଳା,୧୨।୨( ସମିସ):** ଧର୍ମଶାଳା ବ୍ଲକ୍ ଜାରକାର ପଣ୍ଡୁଆସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଆରମ୍ଭ ହୋଇଛି। ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ଯୋଗଦେଇ କ୍ରୀଡ଼ାକୁ ଉଦ୍‌ଘାଟନ କରିଛନ୍ତି। ସ୍କୁଲର ପ୍ରଧାନ ଆଚାର୍ଯ୍ୟ ବିନୋଦ ବିହାରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସାମ୍ବାଦିକ ମାନସ ରଞ୍ଜନ ଜେନା ଓ ବିନୋଦ ବିହାରୀ ସାହୁ ଯୋଗଦେଇ କ୍ରୀଡ଼ା ଉପରେ ଆଲୋକପାତ କରିଥିଲେ। ଗୁରୁମା ସୁମିତ୍ରା ରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା ପ୍ରଣତି ସାହୁ ଓ ପିଙ୍କି ସାମଲ କ୍ରୀଡ଼ାକୁ ପରିଚାଳନା କରିଥିଲେ। ଗୁରୁମା ସନ୍ଧ୍ୟାରାଣୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ବରୀ ପଞ୍ଚାୟତ ସମିତିର ତୃତୀୟ ବୈଠକ

**ବରୀ,୧୨।୨(ସମିସ):** ବୁଧବାର ବରୀ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ଗେଡି ସଭାପତିତ୍ୱ କରିଥିବାବେଳେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ ମହାନ୍ତି, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀଙ୍କ ସମେତ ୪ଟି ଜିଲ୍ଲା ପରିଷଦ ଜୋନର ସଭ୍ୟସଭ୍ୟା ଓ ସରପଞ୍ଚ, ସମିତି ସଭ୍ୟସଭ୍ୟା ଯୋଗ ଦେଇଥିଲେ। ପୂର୍ବ ବୈଠକର ବିବରଣୀ ପାଠ ପାଠ ନ ହୋଇ ଚଳିତ ବୈଠକ ବିଷୟରେ ଆଲୋଚନାକୁ ରମ୍ପା ସରପଞ୍ଚ ମାନସ ଜେନା ବିରୋଧ କରିଥିଲେ। ଉପସ୍ଥିତ ସରପଞ୍ଚ ଓ ସଭ୍ୟସଭ୍ୟା ଉନ୍ନୟନମୂଳକ କାର୍ଯ୍ୟକୁ ସରକାର ଗୁରୁତ୍ୱ ଦେଉଥିବାବେଳେ ବ୍ଲକ ପ୍ରଶାସନର କାଳକ୍ଷେପଣ ନୀତି ଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ ସଠିକ ସମୟରେ ହୋଇପାରୁ ନ ଥିବାରୁ ସାଧାରଣ ଲୋକଙ୍କ ନିକଟରେ ଅପଦସ୍ଥ ହେଉଥିବା ଅଭିଯୋଗ କରିଥିଲେ।

ବିଶେଷକରି ଗତ ବାତ୍ୟା "ଦାନା" ସମୟରେ ବରୀ ବ୍ଲକର ୨୯ଟି ପଞ୍ଚାୟତ ମଧ୍ୟରୁ ନିର୍ଦ୍ଦିଷ୍ଟ ପଞ୍ଚାୟତର ଲୋକଙ୍କୁ ପଲିଥିନ ଯୋଗାଇ ଦେବା ଓ ବହୁ କ୍ଷତିଗ୍ରସ୍ତ ପରିବାର ପଲିଥିନ ପାଇବାରୁ ବଞ୍ଚିତ ହେବା ଘଟଣାକୁ ନେଇ ଉପସ୍ଥିତ ସଭ୍ୟସଭ୍ୟା ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରତ୍ୟେକ କାର୍ଯ୍ୟକ୍ରମରେ ବରୀ ଅଞ୍ଚଳର ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉପସ୍ଥିତ ରହି ସହଯୋଗ କରିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥାଏ। ଆଜି ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ନ ଦେବା ପଛରେ କ'ଣ ରହସ୍ୟ ରହିଛି ତାହା ଆଲୋଚନାର ବିଷୟ ହୋଇଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା କରିବା ଘଟଣାକୁ ନେଇ ଗଣମାଧ୍ୟମ ପ୍ରତିନିଧି ଇ-ମେଲ ଯୋଗେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି।

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

## ଶିକ୍ଷକଙ୍କୁ ଗିରଫ ଦାବିରେ ସ୍କୁଲ ସମ୍ମୁଖରେ ଧାରଣା



**କବାଟବନ୍ଧ,୧୨।୨(ସମିସ):** ଧର୍ମଶାଳା ଶିକ୍ଷାମଣ୍ଡଳ ଅଧୀନ ଜେନାପୁର ଥାନା ଅନ୍ତର୍ଗତ ରେଖିଦେଇପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଶିକ୍ଷକଙ୍କୁ ଗିରଫ ଦାବିରେ ବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ ଧାରଣା ଦେଇଥିବା ଜଣାପଡ଼ିଛି। ଫଳରେ ଉକ୍ତ ବିଦ୍ୟାଳୟରେ ପାଠପଢା ବାଧାପ୍ରାପ୍ତ ହୋଇଛି। ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଆଉ ମାତ୍ର କିଛି ଦିନ ରହିଥିବାବେଳେ ଛାତ୍ରଛାତ୍ରୀଙ୍କୁ ଆଡମିଟ କାର୍ଡ ମିଳିବାରେ ଅସୁବିଧା ଦେଖା ଦେଇଛି। ବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଧାରଣାରେ ବସିଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲ ବାହାରେ ବୁଲୁଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ, ଗତ ଜାନୁଆରୀ ୨୭ ତାରିଖରେ ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଶିକ୍ଷକ ଅରୁଣ ମଲ୍ଲ ଅସଦାଚରଣ କରିଥିବା ନେଇ ଜେନାପୁର ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଶିକ୍ଷକଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲେ ମଧ୍ୟ ଅଦ୍ୟାବଧି ଗିରଫ ହୋଇ ନ ଥିବାରୁ ବୁଧବାର ପୂର୍ବାହ୍ନ ୯ଟାରୁ ଅଭିଭାବକ, ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଶିକ୍ଷକଙ୍କୁ ଗିରଫ ଦାବିରେ ଧାରଣା ଦେଇଥିଲେ। ଧାରଣା ସ୍ଥଳରେ ଧର୍ମଶାଳା ଅତିରିକ୍ତ ତହସିଲଦାର ଭବେଶ ମାଝୀ, ଯାଜପୁରରୋଡ୍ ଏସଡିପିଓ ସଞ୍ଜୟ ପଟ୍ଟନାୟକ, ଜେନାପୁର ଥାନା ଅଧିକାରିଣୀ ନିରୂପମା ଜେନା, ସବଇନ୍ସପେକ୍ଟର ସୌମ୍ୟରଞ୍ଜନ ଭୋଳ, ରଞ୍ଜନ ବେହେରା, ଶଶୀଭୂଷଣ ପରିଡ଼ା, ରେଖିଦେଇପୁର ରାଜସ୍ୱ ନିରୀକ୍ଷକ ମଧୁସୂଦନ ହାଇବ୍ରୁ, ନେଉଳପୁର ରାଜସ୍ୱ ନିରୀକ୍ଷକ ଜଗବନ୍ଧୁ ଜେନା ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଦାବି ପୂରଣ ନ ହେଲେ ଧାରଣା ପ୍ରତ୍ୟାହାର କରାଯିବ ନାହିଁ ବୋଲି ଜିଦ୍‌ରେ ଅଟଳ ରହିଛନ୍ତି।

## ଜିନ୍ଦଲ ପକ୍ଷରୁ ଫୁଟବଲ୍ ତାଲିମ ଶିବିର





**ଦାନଗଦି, ୧୨।୨(ସମିସ):** ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବାକୁ ନିରନ୍ତର ପ୍ରୟାସ କରୁଛି ଜିନ୍ଦଲ ଷ୍ଟେନଲେସ ଷ୍ଟିଲ୍। କ୍ରୀଡ଼ା କ୍ଷେତ୍ରରେ ଯୁବ ପ୍ରତିଭା ବିକାଶକୁ ସମର୍ଥନ କରି ଜିନ୍ଦଲ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରତିବଦ୍ଧତା ଜାରି ରଖିଛି। କମ୍ପାନୀ ୯ରୁ ୧୪ ବର୍ଷ ବୟସର ପିଲାଙ୍କୁ ଫୁଟବଲ୍ ତାଲିମ ପ୍ରଦାନ କରିବା ପାଇଁ ପଦକ୍ଷେପ ଆରମ୍ଭ କରିଛି। ସେମାନଙ୍କ ତାଲିମ ପାଇଁ ଆବଶ୍ୟକ ଉପକରଣ ଯୋଗାଇ ଦେଇଛି।



୭ ତାରିଖରେ ଦାନଗଦି ବ୍ଲକ୍ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତର ବେଣାପାଟିୟା, ୮ ତାରିଖରେ ରେ ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ କାଙ୍କଡପାଳ ପଞ୍ଚାୟତର ଗରାମିଆ ଓ ରାଂଶଲ ପଞ୍ଚାୟତର କାଳରଙ୍ଗିତା ଓ ଭୁବନ ବ୍ଲକ୍ ଅନ୍ତର୍ଗତ ମଲୁଆଗୋଡା ଗ୍ରାମର ୨୦ ଜଣ ଲେଖାଏଁ ପିଲାଙ୍କୁ ଚୟନ କରି ଫୁଟବଲ ପ୍ରଶିକ୍ଷଣ ଦିଆଯାଉଛି। ଜେଏସଏଲ ଦ୍ୱାରା ପରିଚାଳିତ ଏହି ପ୍ରଶିକ୍ଷଣ ଶିବିରରେ ସ୍ଥାନୀୟ କିଶୋରଙ୍କୁ ଉଚ୍ଚମାନର କ୍ରୀଡା ତାଲିମ ପ୍ରଦାନ କରାଯାଉଛି। ଦିଲ୍ଲୀର ସୁଦେବା ଫୁଟବଲ୍ ଏକାଡେମୀର ଜଣେ ପ୍ରଶିକ୍ଷକ ସକାଳ ଓ ସନ୍ଧ୍ୟାରେ ୯ରୁ ୧୩ ବର୍ଷ ବୟସର ଯୁବ ଖେଳାଳିଙ୍କୁ ତାଲିମ ଦେଉଛନ୍ତି। ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଜରିଆରେ ଖେଳାଳିଙ୍କୁ ଛତୁଆ, ଗୁଡ, ଅଣ୍ଡା ଓ କଦଳୀ ଭଳି ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦିଆଯାଉଛି। ତାଲିମ ବ୍ୟତୀତ ଜିନ୍ଦଲ୍ ଷ୍ଟେନଲେସ୍ ବଲ୍, ଜୋତା ଓ ୟୁନିଫର୍ମ ସମେତ ଫୁଟବଲ୍ କିଟ୍ ଦିଆଯାଇଛି।

ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବିଜୟଲକ୍ଷ୍ମୀ ଦାସ, ସଞ୍ଜୟ ପରିଡା ଓ କନକଲତା ସରଦାର ପାତ୍ର ଯୋଗ ଦେଇଥିଲେ। ଜିନ୍ଦଲ କର୍ପୋରେଟ୍ ସାମାଜିକ ଦାୟିତ୍ୱ ବିଭାଗ ମୁଖ୍ୟ ସୁକାନ୍ତ ରଥ କହିଛନ୍ତି, ଜିନ୍ଦଲ୍ ଷ୍ଟେନଲେସ୍‌ରେ ଆମେ ଏହି ପିଲାଙ୍କୁ ବୃତ୍ତିଗତ ପ୍ରଶିକ୍ଷଣ ଓ ଗୁଣାତ୍ମକ ତାଲିମ ପ୍ରଦାନ କରି ଦଳଗତ କାର୍ଯ୍ୟ, ଶୃଙ୍ଖଳା ଓ ଦୃଢ଼ତାକୁ ଉତ୍ସାହିତ କରିବା ପାଇଁ କ୍ରୀଡ଼ାର ଶକ୍ତିରେ ବିଶ୍ୱାସ କରୁ।

### ଟମକା ଶିଶୁ ନିଖୋଜ ଘଟଣା

## ଖାଲି ହାତରେ ଫେରିଲା ଚାଇଲ୍ଡଲାଇନ

**ଯାଜପୁର, ୧୨।୨(ସମିସ):** ଦାନଗଦି ବ୍ଲକ୍ ଅନ୍ତର୍ଗତ କିଆଝର ପଞ୍ଚାୟତ ଉପରଟମକା ଆଶ୍ରମ ବିଦ୍ୟାଳୟରୁ ଦୁଇ ଶିଶୁ ନିଖୋଜ ଖବର ପ୍ରକାଶ ହେବା ପରେ ଜିଲ୍ଲା ପ୍ରଶାସନ ଏହାର ତଦନ୍ତ ଆରମ୍ଭ କରିଛି। ଆଜି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଚାଇଲ୍ଡଲାଇନ କର୍ମକର୍ତ୍ତା ମିନହାଜ ଖାନ, ରଜତ କୁମାର ସାହୁ ଓ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ବିଦ୍ୟାଳୟ ଓ ଶିଶୁଙ୍କ ଘର ଆମ୍ବବେଡାରେ ତଦନ୍ତ ଓ ଖୋଜାଖୋଜି କରିଥିଲେ। ମାତ୍ର ଶିଶୁଙ୍କୁ ଠାବ କରିବାରେ ଅକ୍ଷମ ହୋଇଥିଲେ। ଜଣେ ଶିଶୁ କେନ୍ଦୁଝର ଜିଲ୍ଲାରେ ଶିଶୁ ଶ୍ରମିକ ଭାବେ ନିଯୋଜିତ ହୋଇଥିବାବେଳେ ଅନ୍ୟଜଣେ ଭିକ୍ଷାବୃତ୍ତି କରୁଥିବା ତଦନ୍ତ ସମୟରେ ପଡୋଶୀଙ୍କଠାରୁ ସୂଚନା ମିଳିଛି। ଗତବର୍ଷ ନଭେମ୍ବର ୨୯ ତାରିଖରେ ଏହି ଦୁଇ ଶିଶୁଙ୍କୁ ବନ୍ଧୁଆରୁ ଉଦ୍ଧାର କରି ଶିଶୁମଙ୍ଗଳ କମିଟିର ସୁପାରିଶ କ୍ରମେ ଟମକା ଆଶ୍ରମ ସ୍କୁଲରେ ଥଇଥାନ କରାଯାଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାର ଆଧାର କାର୍ଡ, ଜନ୍ମ ପ୍ରମାଣ ନ ଥିବାରୁ ଉକ୍ତ ଶିଶୁଙ୍କ ନାମ ବିଦ୍ୟାଳୟରେ ପଞ୍ଜିକୃତ ନ କରି କିଛିଦିନ ରଖିଥିଲେ। ମାତ୍ର ଗତ ଡିସେମ୍ବର ୨୨ ତାରିଖରେ ଶିଶୁଙ୍କ ଘରେ ଛାଡ଼ି ଦେଇଥିବା ତଦନ୍ତ ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କହିଥିଲେ। ଶିଶୁ ଦୁଇ ଏବେ ଶିଶୁ ଶ୍ରମିକ ଓ ଭିକ୍ଷାବୃତ୍ତି ଭଳି କୁପ୍ରଥାକୁ ଆପଣାଇଥିବା ସୂଚନା ମିଳିଛି। ଏହି ଶିଶୁ ଦୁଇଜଣ ବିଲୁପ୍ତ ପ୍ରାୟ ଜନଜାତି ଶ୍ରେଣୀର ହୋଇଥିବାବେଳେ ପ୍ରଶାସନର ଅଣଦେଖା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଖାମଖିଆଲ ମନୋଭାବରୁ ଦୁଇ ଶିଶୁଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି।



## ଏଡୁପ୍ରୋ ବୈଷୟିକ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

**ମଙ୍ଗଳପୁର, ୧୨।୨(ସମିସ):**ଦଶରଥପୁର ବ୍ଲକ୍ ବଡଳାଙ୍ଗସ୍ଥ ଏଡୁପ୍ରୋ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ୭୦ରୁ ଅଧିକ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ ମହାପାତ୍ର ଓ ନାଇଜର ମୁଖ୍ୟ ଡଃ ଅଭୟ ନାୟକ, ଜଗନ୍ନାଥ ସଂସ୍କୃତି ପରିଷଦର କାର୍ଯ୍ୟକାରୀ ସଭ୍ୟ ମିହିର ଜେନା ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତୃତୀୟ ତଥା ଉଦ୍‌ଯାପନୀ ଦିବସରେ ପୁରସ୍କାର ବିତରଣ ସଭା ଆୟୋଜିତ ହୋଇଥିଲା। ଏଡୁପ୍ରୋ ଶିକ୍ଷାନୁଷ୍ଠାନର ସମ୍ପାଦକ ସତ୍ୟବ୍ରତ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଦାର୍ଥ ବିଜ୍ଞାନୀ ଡଃ ଶଶଧର ମେଦିନ ସିଂହମହାପାତ୍ର, ମୁଖ୍ୟବକ୍ତା ଭାବେ ଡଃ ସତ୍ୟରଞ୍ଜନ ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଡିଓ ଅର୍ଣ୍ଣଦା ରଣା, ରମେଶ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବିଚାରକ ଭାବେ ହରେରାମ ପଣ୍ଡା, ଡଃ ବାସୁଦେବ ମିଶ୍ର, କୈଳାସ ସାମଲ, ଅଶୋକ ଦାସ, ପଙ୍କଜ ଜେନା, ନରେଶ ପୃଷ୍ଟି, ଦିନେଶ ମଲିକ, ସାଇଶ୍ରୀ ପୃଷ୍ଟି, ଇତିଶ୍ରୀ ଜେନା, ଚନ୍ଦନ ଜେନା, ଏଲିନା ମଲିକ, ସରୋଜ ଦାସ, ପ୍ରମିଳା ବାଇ, ସରସ୍ୱତୀ ଧଳ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏଡୁପ୍ରୋର ସୁଜାତା ବେହେରା, ସସ୍ମିତା ଜେନା ସହଯୋଗ କରିଥିଲେ।



### ଯାଜପୁର ମହୋତ୍ସବ 'ଯଯାତି' ଉଦ୍‌ଯାପିତ

# ଦୀପ୍ତିରେଖାଙ୍କ 'ଠିଆ ପାଲା' ଗୀତରେ ଝୁମିଲେ ଦର୍ଶକ

ଯାଜପୁର,୧୨।୨(ସମିସ)






ସ୍ଥାନୀୟ କୁସୁମା ପଡ଼ିଆରେ ଚାରିଦିନ ଧରି ଚାଲିଥିବା ଯାଜପୁର ମହୋତ୍ସବ 'ଯଯାତି' ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ କୌଣସି ସଭା ନ ଥିଲା। ପାରମ୍ପରିକ ନୃତ୍ୟ ସହିତ ମୁମ୍ବାଇରୁ ଆସିଥିବା କଳାକାରଙ୍କ ଦ୍ୱାରା ମାର୍ଶାଲ ଆର୍ଟରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗୋଟିଏ ପରେ ଗୋଟିଏ ଚିତ୍ତାକର୍ଷକ ସାମରିକ କଳା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହାପରେ ଷ୍ଟାଣ୍ଡ ଅପ୍ କମେଡିଆନ ଦେବାର୍ଚ୍ଚନ ମିଶ୍ର ଦର୍ଶକଙ୍କୁ ହସାଇ ହସାଇ ବେଦମ୍ କରିଥିଲେ। ଆଜି ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଥିଲେ ଓଲିଉଡ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ। ସେ ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଦର୍ଶକଙ୍କୁ ବାଢ଼ି ଦେଇଥିଲେ। ଦୀପ୍ତିରେଖାଙ୍କ ଠିଆ ପାଲା ଗୀତରେ ସତେ ଯେମିତି ପଡ଼ିଆରେ ନିଆଁ ଲାଗିଯାଇଥିଲା। ଉପସ୍ଥିତ ଦର୍ଶକ ନିଜ ନିଜ ସିଟରୁ ଉଠି ନାଚିବା ଆରମ୍ଭ କରିଦେଇଥିଲେ।

ଶେଷ ଦିନରେ ଦର୍ଶକଙ୍କ ସଂଖ୍ୟା ଅଧିକ ଥିବାରୁ ଦୀପ୍ତିରେଖା ବେଶୀ ଉତ୍ସାହିତ ହୋଇ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଗାଇ ଚାଲିଥିଲେ ଗୋଟିଏ ପରେ ଗୋଟିଏ ହିଟ୍ ଗୀତ। ସେପଟେ ଆଜି ମଧ୍ୟ ପଲ୍ଲୀଶ୍ରୀ ମେଳାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବିଭିନ୍ନ ଘରକରଣା ସାମଗ୍ରୀ କିଣିବା ଓ ଖାଦ୍ୟ ଷ୍ଟଲ୍, ଦୋକି ଗୁଡ଼ିକରେ ଭିଡ ଦେଖିବାକୁ ମିଳିଥିଲା। ଶେଷ ଦିବସରେ ପ୍ରବଳ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକ ମଞ୍ଚରେ ମଣିପୁରୀ ନୃତ୍ୟ

# ମଣ୍ଟୁ ଛୁରିଆଙ୍କ ସହ ଝୁମିଲେ ଦର୍ଶକ

ଧାମନଗର, ୧୨ ।୨(ସମିସ)



ଶୀତ ମହୋତ୍ସବ ୩ୟ ସନ୍ଧ୍ୟା

ଆଜି ଜୟନଗର ମହୋତ୍ସବ ପଡ଼ିଆରେ ଧାମନଗର ଶୀତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ତୃତୀୟ ସନ୍ଧ୍ୟାରେ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକ ମଞ୍ଚ ନାମରେ ମହୋତ୍ସବ ପାଳନ କରାଯାଇଛି । ମହୋତ୍ସବ ପରିଷଦ ଧାମନଗରର ସମ୍ପାଦକ ତଥା ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରାରମ୍ଭିକ ସୂଚନା ଦେଇଥଇଲେ । ମୁଖ୍ୟଅତିଥି ଭାବେ ରାଜ୍ୟ ସାଂସ୍କୃତିକ ସେଲ୍ ଅଧକ୍ଷା ପିଙ୍କି ପ୍ରଧାନ, ବରେଣ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ପବିତ୍ର ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ । ପୂର୍ବତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକ କୃଷି ଓ କୃଷକଙ୍କ ଚାଷ ପାଇଁ ଲିଫଟ ପଏଣ୍ଟ, ଉଠା ଜଳସେଚନ ସୁବିଧା ସୁଯୋଗ ଯୋଗାଇ ଦେଇଥିଲେ ବୋଲି କହିବା ସହ ସ୍ୱର୍ଗତ ମଲ୍ଲିକଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରେ ମଣ୍ଟୁ ଛୁରିଆ ଓ ସାଥୀଙ୍କ ଦ୍ୱାରା ମଣିପୁର ଏକ ଟିମ ତରଫରୁ ଆକର୍ଷଣୀୟ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାରପ୍ରାପ୍ତ ତହସିଲଦାର ସାଇ ସିଲୋନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମହୋତ୍ସବ କମିଟି କର୍ମକର୍ତ୍ତା ଅଶୋକ ପୁହାଣ, କୈଳାସଚନ୍ଦ୍ର ମହାପାତ୍ର, ମନୋରଞ୍ଜନ ମଲ୍ଲିକ, ରଞ୍ଜିତ ମହାନ୍ତି, ଅରବିନ୍ଦ ପତି, ବିଜୟ କୁମାର ରାମ, ଚତୁର୍ଭୁଜ ନାୟକ, ବୈକୁଣ୍ଠନାଥ ସାହୁ, ପ୍ରମୋଦ ସୂତାର ପରିଚାଳନା କରିଥିଲେ । ଭାରପ୍ରାପ୍ତ ଥାନାଧିକାରୀ ରାଜେଶ ସେଠୀଙ୍କ ତତ୍ତ୍ୱାବଧାନରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା ।

● ଆଜିଠୁ ୫ଦିନିଆ ଜିଲ୍ଲା ମହୋତ୍ସବ 'ଭଦ୍ରାୟଣୀ'

# ସାଂସ୍କୃତିକ ମହାକୁମ୍ଭ ଓ ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

**ଭଦ୍ରକ,୧୨ ।୨(ସମିସ):** ଗୁରୁବାରଠାରୁ ନେହରୁ ଷ୍ଟାଡିୟମଠାରେ ୫ଦିନ ଧରି ଅନୁଷ୍ଠିତ ହେବ ଜିଲ୍ଲା ମହୋତ୍ସବ 'ଭଦ୍ରାୟଣୀ' । ଉତ୍ସବର ମହକକୁ ପ୍ରସାରିତ କରିବା ପାଇଁ ଜିଲ୍ଲାପାଳ ଦିଲୀପ ରାଉତରାଏ ଗଣମାଧ୍ୟମର ସହଯୋଗ ଲୋଡ଼ିଛନ୍ତି । ଭଦ୍ରାୟଣୀ-୨୦୨୫ ଆୟୋଜନ ଓ କାର୍ଯ୍ୟସୂଚୀର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।



ସୂଚନାଯୋଗ୍ୟ କି, ଚଳିତ ଫେବୃୟାରୀ ୧୩ ତାରିଖ ଗୁରୁବାର ଦିନଠାରୁ ଆରମ୍ଭ ହେବାକୁ ଯାଉଥିବା ୫ ଦିନିଆ ପଲ୍ଲିଶ୍ରୀମେଳା ଓ କୃଷି ଯନ୍ତ୍ରପାତି ମେଳାକୁ ନେଇ ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ-୨୦୨୫ ଆୟୋଜନ ନିମନ୍ତେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି । ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଆଭାସୀ ଜରିଆରେ ଯୋଡ଼ିହୋଇ ସମ୍ମିଳନୀରେ ଉପସ୍ଥିତ ସାମ୍ବାଦିକଙ୍କୁ ଅଭିନନ୍ଦନ ଜଣାଇବା ସହ ଭଦ୍ରକ ମାଟିର ସାଂସ୍କୃତିକ ମହାକୁମ୍ଭ ଓ ପଲ୍ଲୀଶ୍ରୀ ମେଳାର ପ୍ର.ର ପ୍ରସାରରେ ସେମାନଙ୍କ ସହଯୋଗ କାମନା କରିଥିଲେ । ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଏଏସପି ଡ଼ିଆଇବି ଅଂଶୁମାନ ଦ୍ୱିବେଦୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକ ପ୍ରମୁଖ ମଧ୍ୟ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ । ମହୋତ୍ସବ ଆୟୋଜନରେ ପ୍ରତ୍ୟେକ ଦିନ ଅତିଥି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ଅତିରିକ୍ତ ଜିଲ୍ଲାପାଳ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ପ୍ରଦାନ କରିଥିଲେ । ଉଦ୍‌ଘାଟନୀ ସନ୍ଧ୍ୟାରେ ମନ୍ତ୍ରୀ ରବିନାରାୟଣ ନାଏକ ଉଦ୍‌ଘାଟକ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଶିଷ୍ଟ ଅତିଥି ଏବଂ ଭଦ୍ରକ ଜିଲ୍ଲାର ସାଂସଦ ଓ ସମସ୍ତ ବିଧାୟକ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସାଂସ୍କୃତିକ କାର୍ଯ୍ୟକ୍ରମରେ ୧ମ ଦିନରେ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ, ଭାଗ୍ୟଶ୍ରୀଙ୍କ ସଂଗୀତ କାର୍ଯ୍ୟକ୍ରମ, ଗୋଟିପୁଅ, ବିହୁ ଏବଂ ମଣିପୁରୀ ନୃତ୍ୟ, ବ୍ୟାଣ୍ଡ, ସିଜଲରସ୍ ଏବଂ ଶୀତଲଙ୍କ କାର୍ଯ୍ୟକ୍ରମ ରହିଛି । ୧୪ରେ ଅସୀମା ପଣ୍ଡା ଏବଂ ତାଙ୍କ ଦଳ, ପ୍ରଜ୍ଞା ଓ ଶଙ୍କର, ଶିବାନୀ, ସିଜଲରସ୍ ଏବଂ ପାଇକ ଆଖଡ଼ା, ୧୫ରେ ଅନନ୍ୟା ଚକ୍ରବର୍ତ୍ତୀ, ସୂର୍ଯ୍ୟମୟୀ, ଅମିତ ଡ୍ୟାନ୍ସଗ୍ରୁପ୍ ଏବଂ ସମ୍ବଲପୁରୀ ନୃତ୍ୟ, ୧୬ରେ ନକାଶ ଅଜିଜ୍, ଶୈଳେନ୍ଦ୍ର, ଅମିତ ଡ୍ୟାନ୍ସଗ୍ରୁପ, ସୋଡର୍ ଡ୍ୟାନସ୍ ଏବଂ ୧୭ ରେ ଛଉ ନୃତ୍ୟ ସହ ଉଦ୍‌ଯାପନୀ ଉତ୍ସବ ପାଳିତ ହେବ । ପ୍ରତ୍ୟେକ ଦିନ ଅପରାହ୍ନ ୪ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏବଂ ଅନ୍ତିମ ଦିନରେ ମଧ୍ୟ ନିର୍ଦ୍ଧାରିତ ସ୍ଥାନୀୟ ପ୍ରତିଭାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ନେଇ ମଧ୍ୟ କାର୍ଯ୍ୟସୂଚୀ ରହିଛି । ଭିଡ଼ ନିୟନ୍ତ୍ରଣ, ପାର୍କିଂ ଆଦି ବିଷୟରେ ଏଏସ୍‌ପି ଶ୍ରୀ ଦ୍ୱିବେଦୀ ସୂଚନା ପ୍ରଦାନ କରିଥିଲେ ।

## କ୍ଷେତ୍ରପାଳରେ ତ୍ରିଦିବସୀୟ ଯଜ୍ଞ କାର୍ଯ୍ୟକ୍ରମ

**ବନ୍ତ/ଆଗରପଡ଼ା, ୧୨।୨(ସମିସ):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ କନ୍ତିଆ ଗ୍ରାମ ନିକଟସ୍ଥ ଶ୍ରୀକ୍ଷେତ୍ରପାଳପୀଠରେ ତ୍ରିଦିବସୀୟ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନିଶାକର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ୪୩ ବର୍ଷର ଏହି ମନ୍ଦିରରେ ଅନୁଷ୍ଠିତ ଯଜ୍ଞ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ପଣ୍ଡା, ବିଷ୍ଣୁମୋହନ ପଣ୍ଡା, ଗୋପୀନାଥ ପଣ୍ଡା ଓ ଗ୍ରାମବାସୀ ସହଯୋଗ କରିଥିଲେ । ଯଜ୍ଞରେ ମୁଖ୍ୟ ପୁରୋଧା ଭାବରେ ବିଷ୍ଣୁମୋହନ ପଣ୍ଡା, ବାସନ୍ତିଲତା ପଣ୍ଡା ରହିଥିଲେ । ମୁଖ୍ୟ ପୂଜକ ଭାବେ ମାଧ ପାଣିଗ୍ରାହୀ, ଭଗବାନ ପତି, ଅଭିମନ୍ୟୁ ପଣ୍ଡା, ବୁଲା ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଗଣିଜାଙ୍ଗ ପଞ୍ଚାୟତ ସମେତ ପଡୋଶୀ ପଞ୍ଚାୟତରୁ ହଜାର ହଜାର ଭକ୍ତ ଯୋଗଦାନ କରିଥିଲେ । ମାଳତୀ ପଣ୍ଡା, ହରିଶଙ୍କର ପଣ୍ଡା, ଶିବଶଙ୍କର ପଣ୍ଡା, ବିଜୟଲକ୍ଷ୍ମୀ ପଣ୍ଡା, ସୌଭାଗ୍ୟଲକ୍ଷ୍ମୀ ପଣ୍ଡା, ସନ୍ଦୀପ ରଥ, ଲଳିତ ମିଶ୍ର, ତ୍ରିବିକ୍ରମ ପଣ୍ଡା ଶର୍ମା, ରଂଜିତା ପଣ୍ଡା, ମନସ୍ୱିନି ପଣ୍ଡା କନ୍ତିଆ ଗ୍ରାମର ସମସ୍ତ ଭକ୍ତ ସହଯୋଗ କରିଥିଲେ ।

ବିପଦ ସାଜିଛି ରାସ୍ତାରେ ଗର୍ତ୍ତ

## କାର୍ଯ୍ୟାନୁଷ୍ଠାନ ଶୂନ

**ବନ୍ତ/ଆଗରପଡ଼ା, ୧୨।୨(ସମିସ):** ଗତ ୨୯ ତାରିଖରେ 'ସକାଳ'ରେ ପ୍ରକାଶକୁ ୧୫ ଦିନ ବିତିବାକୁ ବସିଥିବା ବେଳେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ରାସ୍ତାରେ ସୃଷ୍ଟି ହୋଇଥା ଗର୍ତ୍ତର ଆକାର ଦିନକୁ ଦିନ ବଢିବା ସହ ଏହା ଲୋକଙ୍କ ଗମନାଗମନରେ ବିପଦ ସୃଷ୍ଟି କରୁଛି । ବନ୍ତ ବ୍ଲକ ଗଣିଜାଙ୍ଗ ଆମ୍ବଗଡ଼ିଆ ଭାୟା ମଙ୍ଗୁଲି ରାସ୍ତାକୁ ସଂଯୋଗ କରୁଥିବା ଛୟାଳସିଂହ ପଞ୍ଚାୟତର ଗ୍ରାମୀଣ ରାସ୍ତାଗୁଡିକ ଶୋଚନୀୟ ହୋଇପଡ଼ିଛି । ଦୀର୍ଘ ବର୍ଷ ହେବ ଏହି ରାସ୍ତାର ସ୍ଥାୟୀ ମରାମତି ନ ହେବା କାରଣରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଜାମ୍ବୁବଣି ଛକରୁ ସରମରା ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ସାବିତ୍ରୀ ପୀଠ ପୋଲଠାରୁ ଗଣିଜାଙ୍ଗ ଆମ୍ବଗଡ଼ିଆ ଭାୟା ମଙ୍ଗୁଲି ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଂଯୋଗ କରୁଥିବା ମଙ୍ଗୁଲି ବ୍ରାହ୍ମଣସାହି, ରାଉତସାହି, ପରିଡାସାହି, ଦୋଳପଦି ହରିଜନସାହି, ମଙ୍ଗୁଲି ସ୍କୁଲ, କୁକୁଡା ଫାର୍ମ ଛକ ଆଦି ପଞ୍ଚାୟତ ରାସ୍ତାଗୁଡିକ ବର୍ଷ ବର୍ଷ ଧରି ଖରାପ ହୋଇ ପଡ଼ିରହିଛି । ଏହାର ସ୍ଥାୟୀ



ସମାଧାନ ପାଇଁ ରାସ୍ତାଗୁଡ଼ିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ନେଇ ଗ୍ରାମବାସୀ ଆଗ୍ରହ ପ୍ରକାଶ କରିଛନ୍ତି । ଏହି ପଞ୍ଚାୟତ ରାସ୍ତାଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନକୁ ଗଲେ ଅଞ୍ଚଳବାସୀଙ୍କ ବହୁ ଦିନର ସ୍ୱପ୍ନ ସାକାର ହୋଇପାରିବ ବୋଲି କୈଳାସ ରାଉତ, ପ୍ରଫୁଲ୍ଲ ରାଉତ, ରଘୁନାଥ ପୁହାଣ, ସୁଶାନ୍ତ ପରିଡା, ଶରତ ଜେନା ପ୍ରମୁଖ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛନ୍ତି ।

ବରପଦା ଇଂଜିନିୟରିଂ କଲେଜ ପ୍ରସଙ୍ଗ

## 'ହାତକୁ ସରକାର ନିଅନ୍ତୁ, ମହତାବଙ୍କ ନାମରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଉ'

**ଭଦ୍ରକ,୧୨ ।୨(ସମିସ):** ପିଲାମାନଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ଭଦ୍ରକର ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନ ବରପଦା ଇଂଜିନିୟରିଂ କଲେଜର ସୁପରିଚାଳନା ପାଇଁ ଷ୍ଟାଫ୍ ଓ ମ୍ୟାନେଜମେଣ୍ଟଙ୍କ ସହଯୋଗ କାମନା କରିଛନ୍ତି ବିଏସ୍‌ଇଟି ସୋସାଇଟିର ସଭାପତି ଇଂ ପ୍ରୟାସକାନ୍ତି ସାମଲ । ନୂଆବଜାରସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ଇଂ. ସାମଲ କହିଲେ ଯେ ଷ୍ଟାଫ୍ ଓ ମ୍ୟାନେଜମେଣ୍ଟ ମଧ୍ୟରେ ଉତ୍ତମ ବୁଝାମଣା ଅଭାବରୁ କଲେଜର ଶୈକ୍ଷିକ ବାତାବରଣ ଅଶାନ୍ତ ହୋଇପଡିଥିଲା । ଆଜି ଅନୁଷ୍ଠିତ ଗଭର୍ଣ୍ଣିଂବଡିର ଏକ ବୈଠକରେ ଷ୍ଟାଫ୍ ଓ ମ୍ୟାନେଜମେଣ୍ଟ ମଧ୍ୟରେ ଉତମ ସମ୍ପର୍କ ରକ୍ଷା କରିବା ସହ ମୋଟ ୫ଟି ଏଜେଣ୍ଡାକୁ ନେଇ ଆଲୋଚନା ହୋଇଛି । ମୁଖ୍ୟତ ଭଦ୍ରକରେ ବିଶ୍ୱବିଦ୍ୟାଳୟ ପାଇଁ ଜିଲ୍ଲା ପ୍ରଶାସନ ଜମି ଖୋଜୁଛି । ତେଣୁ ବରପଦା ଇଂଜିନିୟରିଂ କଲେଜ କ୍ୟାମ୍ପସରେ ଥିବା ୧୨/୧୩ଏକର ଜମିରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଓ ଏହାର ନାମକରଣ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ନାମିତ କରିବାକୁ ସଭାପତି ଇଂ. ସାମଲ ପ୍ରସ୍ତାବ ରଖିଛନ୍ତି । ସ୍ଥାନୀୟ ଉଚ୍ଚଶିକ୍ଷା ମନ୍ତ୍ରୀ, ଭଦ୍ରକ ସାଂସଦ ଓ ଭଦ୍ରକ ବିଧାୟକଙ୍କ ଜରିଆରେ ସେ ଏହି ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାମ୍ବାଦିକଙ୍କୁ କହିଛନ୍ତି । ଅନ୍ୟପକ୍ଷରେ ଏହି ଇଂଜିନିୟରିଂ କଲେଜକୁ ସରକାର ହାତକୁ ନେବା ପାଇଁ ପ୍ରସ୍ତାବ ରଖିଛନ୍ତି । ସୂଚନାଯୋଗ୍ୟ, ଏହି ବୈଷୟିକ ଶିକ୍ଷାନୁଷ୍ଠାନର ସୁପରିଚାଳନା ଲାଗି ପୂର୍ବରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସି ଆଲୋଚନା ହୋଇଥିଲା । ଜିଲ୍ଲାପାଳଙ୍କ ପରାମର୍ଶ ଅନୁଯାୟୀ, ମ୍ୟାନେଜମେଣ୍ଟ ଓ ଷ୍ଟାଫ ସେମାନଙ୍କ ମଧ୍ୟରେ ମତଭେଦକୁ ଦୂରେଇ ମିଳିମିଶି କାମ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା ।



## ଚାରିତିରା କାଜିପୋଖରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବନ୍ତ/ଆଗରପଡ଼ା, ୧୨।୨(ସମିସ):** ବନ୍ତ ବ୍ଲକ ରାମପୁର ପଞ୍ଚାୟତ ଚାରିତିରା କାଜିପୋଖରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ପହିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଅଲେଖଚନ୍ଦ୍ର ନାୟକ, ମୁଖ୍ୟବକ୍ତା ପ୍ରାକ୍ତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନିଗମାନନ୍ଦ ମିଶ୍ର, ସମ୍ମାନିତ ଅତିଥି ସିଆରସିସି ସନ୍ତୋଷ ମଲ୍ଲିକ, ପ୍ରାକ୍ତନ ସିଆରସିସି ସୁଧୀର ନାୟକ, କୁଣ୍ଡୁଳା ପ୍ରଧାନଶିକ୍ଷକ ଶରତ ନାୟକ, ସମାଜସେବୀ ଶିବଚରଣ ପହି, ନୃସିଂହ ଚରଣ ନାୟକ, ପରିଚାଳନା କମିଟି ସଭାପତି କବିତା ସାମଲ, ଉପସଭାପତି ମିନାକ୍ଷୀ ନାୟକ, ଆଲୁମନି କମିଟି ସଭାପତି ବସନ୍ତ ସାମଲ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ କରୁଣାକର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାର୍ଷିକ ବିବରଣୀ ପାଠ ଶାନ୍ତିଲତା ଦାସ ଓ ଧନ୍ୟବାଦ ଅର୍ପଣ ଦୀପ୍ତିପ୍ରଭା ମହାରଣା କରିଥିଲେ । ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉର୍ମିଳା ପେଡା, ପୂର୍ଣ୍ଣିମା ମହାପାତ୍ର, ଅନୁପମା ନାୟକ, ପ୍ରକାଶଚନ୍ଦ୍ର ଜେନା, ଦେବବ୍ରତ ପାଢ଼ୀ, ମନୋରଞ୍ଜନ ମଲ୍ଲିକ, ରଜନୀକାନ୍ତ ମହାନ୍ତି, ଦେବେନ୍ଦ୍ର ଭୂୟା, ଗଣେଶ ସାମଲ, ସୁବାସ ପେଡା, ଶିକ୍ଷକ/ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଦସ୍ୟ/ସଦସ୍ୟା ଓ ଗ୍ରାମବାସୀ ସହଯୋଗ କରିଥିଲେ ।



## ଆଗରପଡ଼ା କଲେଜ ବାର୍ଷିକ ସାଂସ୍କୃତିକ ଦିବସ

**ବନ୍ତ/ଆଗରପଡ଼ା,୧୨।୨(ସମିସ):** ଆଗରପଡ଼ା ମହାବିଦ୍ୟାଳୟର ୪୪ତମ ବାର୍ଷିକ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ସମିତିର ସମ୍ପାଦକ ତଥା ଅଧକ୍ଷ ନାରାୟଣଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଫେସର ତଥା ଅର୍ଥନୀତି ବିଶାରଦ ଡ. ବଳରାମ ମିଶ୍ର ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧକ୍ଷା ତଥା ପୂର୍ବତନ ସିଣ୍ଡିକେଟ ସଭ୍ୟା ଡ. ଚପଳା ନାୟକ ମୁଖ୍ୟବକ୍ତା, ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ ବିକାଶ ମହାପାତ୍ର ଯୋଗ ଦେଇଥିଲେ । ଅଧ୍ୟାପକ ନାରାୟଣ ପୁରୀ ଅତିଥି ପରିଚୟ ଓ ଅଧ୍ୟାପିକା ପ୍ରେମଲତା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ । ମହାବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡାରେ ଉତ୍ତୀର୍ଣ୍ଣ ଓ ଶିକ୍ଷାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଂଗୀତ ପରିବେଷଣ କରାଯାଇଥିଲା । ଅଧ୍ୟାପକ ଡ. ହରିହର ଦାଶ, ପ୍ରଶାନ୍ତ ନାୟକ, ତାରାକାନ୍ତ ମଲ୍ଲିକ, ରାଜେନ୍ଦ୍ର ପାଣିଗ୍ରାହୀ, ମହେଶ୍ୱର ମଲ୍ଲିକ, ମୁଖ୍ୟ ସହାୟକ ଅଶୋକ ସାହୁ ସହଯୋଗ କରିଥିଲେ ।



## ପାରାୟଣ ମଞ୍ଚରେ ଭାଗବତ କଥା

**ବାରିକପୁର, ୧୨।୨(ସମିସ)** ଭଣ୍ଡାରିପୋଖରୀ ବ୍ଲକ ସରସଦା ଭାଗବତ ଟୁଙ୍ଗି ପରିସରରେ ସପ୍ତାହବ୍ୟାପୀ ୩୮ତମ ପାରାୟଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଷଷ୍ଠ ସନ୍ଧ୍ୟାରେ ଓଡିଶାର ଚର୍ଚ୍ଚିତ କୁନି ପ୍ରବଚକ ତଥା ଭାଗବତ କଥାକାର ଦ୍ୱିତୀକୃଷ୍ଣ ଯୋଗ ଦେଇଥିଲେ । ଭାଗବତ ଭଗବାନଙ୍କ କଥାବସ୍ତୁକୁ ନେଇ ସେ ପ୍ରାୟ ଦୁଇ ଘଣ୍ଟା ଧରି ନିରନ୍ତର ପ୍ରବଚନ ପ୍ରଦାନ କରିଥିଲେ । ସାମ୍ପ୍ରତିକ ସମୟରେ କଳୁଷିତ ସମାଜକୁ ସତ ମାର୍ଗରେ ନେବାକୁ ହେଲେ କେବଳ ଭାଗବତ ପଠନ ଓ ଶ୍ରବଣ ଅପରିହାର୍ଯ୍ୟ ବୋଲି ସେ ସତସଙ୍ଗ ମାଧ୍ୟମରେ ମତ ଦେଇଥିଲେ । ପ୍ରତ୍ୟେକ ବର୍ଷ ସରସଦାଠାରେ ଭାଗବତ ପାରାୟଣ ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ଗାଁ ତଥା ଆଖପାଖ ଅଞ୍ଚଳରେ ବୈଦିକ ବାତାବରଣ ସୃଷ୍ଟି ହେଉଛି ବୋଲି କହିଥିଲେ । ଏହାଛଡା ବର୍ତ୍ତମାନ ସମାଜକୁ ଲକ୍ଷ୍ୟକରି ଫେବୃଆରୀ ୧୪ରେ ଭାଲେଣ୍ଟାଇନଡେ ପରିବର୍ତ୍ତେ ଯୁବକ ଯୁବତୀମାନେ ମାତୃପିତୃ ପୂଜନ ଉତ୍ସବ ପାଳନ କରିବାକୁ ଦ୍ୱିତୀକୃଷ୍ଣ ପାରାୟଣ ମଞ୍ଚରେ ଆହ୍ୱାନ ଦେଇଥିଲେ । କୁନି ପ୍ରବଚକଙ୍କ ସହଯୋଗୀ ଥିଲେ ଜ୍ଞାନରଞ୍ଜନ ଓଝା, ବିଭୁପ୍ରସାଦ ଓ ବୁଲୁ ପ୍ରସାଦ । ସରସଦା ସମେତ ହାଜିପୁର, ପୁରସ୍ତମପୁର, ଉତରାଗଡିଆ, ବେଲଗଡିଆ, ରାଢୋ, ରହଣିଆ, ମାଳଦା, ତୁଳସୀପୁର, ଏକଗୋଲା, ନୂଆପୋଖରୀ ଗ୍ରାମବାସୀ ବିଭୁ କୃପା ଲାଭ କରିଥିଲେ । ଉତ୍ସବକୁ ଭାଗବତ ଟୁଙ୍ଗିର କର୍ମକର୍ତ୍ତା ପରିଚାଳନା କରିଥିଲେ ।



ଟିଲୋ କପ୍ କ୍ରିକେଟ୍ ପ୍ରତିଯୋଗିତା

# ସପିଏନ୍ସ ଦିଲ୍ଲୀ, ୱଣ୍ଡର ସିମେ ରାଜସ୍ଥାନ ବିଜୟୀ

ବନ୍ତ/ଆଗରପଡ଼ା, ୧୨।୨(ସମିସ)



ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମ୍‌ରେ ଟିଲୋ ଆଥଲେଟିକ୍ ଆସୋସିଏସନ ପକ୍ଷରୁ ଚାଲିଥିବା ଟିଲୋ କପ କ୍ରିକେଟ ପ୍ରତିଯୋଗିତାର ବୁଧବାର ମ୍ୟାଚରେ ଦିଲ୍ଲୀ ଟସ୍ ଜିତି ଏସପିଜେ କାର୍ଗୋ ଦିଲ୍ଲୀକୁ ପ୍ରଥମେ ପ୍ରଥମେ ବ୍ୟାଟିଙ୍ଗ ପାଇଁ ଆମନ୍ତ୍ରଣ କରିଥିଲା । ଏସପିଜେ କାର୍ଗୋ ନିର୍ଦ୍ଧାରିତ ୨୦ ଓଭରେ ୯ ୱିକେଟ ହରାଇ ୧୨୮ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସୌରଭ ଧାରିୱାଲ ୨୮ ବଲରୁ ୨୮ ରନ ସଂଗ୍ରହ କରିଥିବା ବେଳେ ସପିଏନ୍ସ ଦିଲ୍ଲୀର ଅଧିନାୟକ ଆଶିଷ ଲଡୁ ୩ ଓଭର ବୋଲିଂ କରି ୧୬ ରନ ବିନିମୟରେ ୪ ଗୋଟ ୱିକେଟ ଅକ୍ତିଆର କରିଥିଲେ । ଜବାବରେ ସପିଏନ୍ସ ଦିଲ୍ଲୀ ୧୮.୧ ଓଭରରେ ୬ ୱିକେଟ ହରାଇ ୧୩୪ରନ ସଂଗ୍ରହ କରି ୪ୱିକେଟରେ ବିଜୟ ଲାଭ କରିଥିଲା । ଦଳ ପକ୍ଷରୁ ଅଭିଷେକ ପାଠକ ୪୫ ବଲରୁ ୫୦ରନ ସଂଗ୍ରହ କରିଥିଲେ । ଏସପିଜେ କାର୍ଗୋ ଦିଲ୍ଲୀର ହର୍ଷିତ ସାଇନି ୪ ଓଭର ବୋଲିଂ କରି ୨୦ରନ ବ୍ୟୟ କରି ୩ ୱିକେଟ ଅକ୍ତିଆର କରିଥିଲେ । ସପିଏନ୍ସ ଦିଲ୍ଲୀର ଆଶିଷ ଲଡୁ ମ୍ୟାନ ଅଫ ଦି ମ୍ୟାଚ ବିଜେତା ହୋଇଥିଲେ । ଦ୍ୱିତୀୟ ମ୍ୟାଚ ୱଣ୍ଡର ସିମେ ରାଜସ୍ଥାନ ଓ ଇଣ୍ଡିଆନ ଅଏଲ ମୁମ୍ବାଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଇଣ୍ଡିଆନ ଅଏଲ ମୁମ୍ବାଇ ଟସ୍ ଜିତି ୱଣ୍ଡର ସିମେ ରାଜସ୍ଥାନକୁ ପ୍ରଥମେ ବ୍ୟାଟିଙ୍ଗ ପାଇଁ ଆମନ୍ତ୍ରଣ କରିଥିଲା । ୱଣ୍ଡର ସିମେ ରାଜସ୍ଥାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ମହିଜିତ ସିଂ ୫୫ଟି ବଲରୁ ଦ୍ରୁତ ୮୮ ରନ ସଂଗ୍ରହ କରିଥିବା ବେଳେ ଯସଓନ୍ତ ଡ଼ାଙ୍ଗି ୧୫ବଲରୁ ଦ୍ରୁତ ୩୩ ରନ ଓ ରୋହଣ ରାଜବର ୨୫ ବଲରୁ ୩୩ ରନ ସଂଗ୍ରହ କରିଥିଲେ । ଇଣ୍ଡିଆନ ଅଏଲ ମୁମ୍ବାଇର ଅତିତ ସେଠ ୪ଓଭର ବୋଲିଂ କରି ୨୪ ରନ ବିନିମୟରେ ୩ଟି ୱିକେଟ ଅକ୍ତିଆର କରିଥିଲେ । ଜବାବରେ ଇଣ୍ଡିଆନ ଅଏଲ ମୁମ୍ବାଇ ୧୯.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୭ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା । ଦଳ ପକ୍ଷରୁ ରୋହନ ରାଜେ ୨୩ ବଲରୁ ୫୬ ରନ ସଂଗ୍ରହ କରିଥିଲେ । ଅପରପକ୍ଷରେ ୱଣ୍ଡର ସିମେ ରାଜସ୍ଥାନର ପୁଷ୍ପେନ୍ଦ୍ର ସିଂ ୪ଓଭର ବୋଲିଂ କରି ୧୯ ରନ ବିନିମୟରେ ୪ ଟି ୱିକେଟ ଅକ୍ତିଆର କରିଥିଲେ । ଯଦ୍ୱାରା ଦଳ ୧୩ ରନରେ ବିଜୟ ଲାଭ କରିଥିଲା । ୱଣ୍ଡର ସିମେ ରାଜସ୍ଥାନର ମହିଜିତ ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ମ୍ୟାଚ ରେଫରୀ ଦାୟିତ୍ୱ ପୂର୍ଣ୍ଣେନ୍ଦୁ ଜେନା ନିର୍ବାହ କରିଥିବା ବେଳେ ଓସିଏ ପ୍ୟାନେଲ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ଶରତ ଜେନା ମ୍ୟାଚ୍ ପରିଚାଳନା କରିଥିଲେ । ନାରାୟଣ ସାହୁ, ତପନ ମଜୁମ୍‌ଦାର, ଏମଡ଼ି ରସିଦ, ମାନସ ପୁହାଣ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସ୍କୋରର ଥିଲେ ଶଙ୍କର ଟୁଡୁ, ନବକୃଷ୍ଣ ରାଉତ, ଧନେଶ୍ୱର ଧଳ, ପ୍ରେମାନନ୍ଦ ବେହେରା । ସଂଗ୍ରାମ କେଶରୀ ଜେନା, ନିହାରିକା ରାଉତ, ସନ୍ତୋଷ ଧଳ, ପ୍ରକାଶ ସ୍ୱାଇଁ, ପର୍ଶୁରାମ ସାହୁ, ରଶ୍ମିରଂଜନ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମ୍ୟାନ ଅଫ ଦି ମ୍ୟାଚ ଶକୁନ୍ତଳା କଲର ପକ୍ଷରୁ ପ୍ରଦାନ କରାଯାଇଥିଲା ।

## ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ: ଫାଇନାଲରେ ଆଦର୍ଶ କ୍ଲବ୍ ବାଲେଶ୍ୱର

**ଦୋବଲ, ୧୨।୨(ସମିସ):** ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ପଡିଆରେ ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆଦର୍ଶ ସ୍ପୋର୍ଟିଂ କ୍ଲବ୍ ବାଲେଶ୍ୱର ସହ ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ ମଧ୍ୟରେ ବୁଧବାର ଅନୁଷ୍ଠିତ ହୋଇଥିଲା । ଇଷ୍ଟ କୋଷ୍ଟ ରେଲୱେ ଟସ୍ ଜିତି ଆଦର୍ଶ ସ୍ପୋର୍ଟିଂ କ୍ଲବ୍ କୁ ବ୍ୟାଟିଂ କରିବାକୁ କହିଥିଲା । ଆଦର୍ଶ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୨୭୦ ରନ ସଂଗ୍ରହ କରିଥିଲା । ଜବାବରେ ଇଷ୍ଟକୋଷ୍ଟ ରେଲୱେ ୨୦.୫ ଓଭର ରେ ୧୮୭ ରନ କରି ସମସ୍ତ ଉଇକେଟ ହରାଇଥିଲା । ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଜ୍ଞାନରଞ୍ଜନ ସ୍ୱାଇଁ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ । ଶୁଭ୍ରାଂଶୁ ଶେଖର ସାହୁ ସ୍କୋରର ଥିବା ବେଳେ ନିହାର ରଞ୍ଜନ ବେହେରା ଡିଜିଟାଲ, ଅନଲାଇନ୍‌ରେ ବଳରାମ ସାହୁ ସ୍କୋରର ଥିଲେ । ଜ୍ଞାନରଞ୍ଜନ ଘଡେଇ ଓ ବୁବୁ ସିନ୍ହା ଧାରାବିବରଣୀ ପ୍ରଦାନ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଆଦର୍ଶ କ୍ଲବ୍ ବାଲେଶ୍ୱରର ଏମଡି ନାସିମଙ୍କୁ ପୁରସ୍କୃତ କରାଯାଇଥିଲା ।



## ମା' ସୁବର୍ଣ୍ଣମୁଖୀ କ୍ରିକେଟ: କେସିଏ-ଏନ୍‌ସିସି ଫାଇନାଲ

**ଦୋବଲ, ୧୨ ।୨(ସମିସ):** ଦୋବଲ ପଞ୍ଚାୟତ ସୋଧ ଧରମପଡିଆଠାରେ ୟଙ୍ଗଷ୍ଟାର କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ମା' ସୁବର୍ଣ୍ଣମୁଖୀ କ୍ରିକେଟ ପ୍ରତିଯୋଗିତାର ବୁଧବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଏନ୍‌ସିସି ଦଶରଥପୁର ସହିତ ଆଇଡିଆଲ ୟୁନିଅନ ସ୍ପୋର୍ଟିଂ ଜହଙ୍ଗ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏନ୍‌ସିସି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଏହି ଦଳ ଫାଇନାଲରେ କେସିଏ ବିପକ୍ଷରେ ଖେଳିବ । ଏନ୍‌ସିସି ଟସ୍ ଜିତି ୨୦ ଓଭରରେ ୬ ଉଇକେଟ ହରାଇ ୨୩୯ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଚନ୍ଦନ ସାହୁ ୩୫ ବଲରେ ୮୩ ରନ କରିଥିଲେ । ପ୍ରତିପକ୍ଷ ବୋଲର ପ୍ରଣବ ଦାସ ଓ କିଶୋର ଦାସ ୨ଟି ଲେଖା ଉଇକେଟ ନେଇଥିଲେ । ଜବାବରେ ଆଇଡିଆଲ ୟୁନିଅନ ସ୍ପୋର୍ଟିଂ ୨୦ ଓଭରରେ ୭ ଉଇକେଟ ହରାଇ ୧୩୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ଦଳପକ୍ଷରୁ ନରେନ୍ଦ୍ର ସେଠୀ ୨୮ ରନ, କିଶୋର ଦାସ ୨୫ ରନ କରିଥିଲେ । ପ୍ରତିପକ୍ଷ ବୋଲର ସୁବ୍ରତ ଘଡ଼େଇ ୩ ଓଭରରେ ୩ ଉଇକେଟ ନେଇଥିଲେ । ଅମ୍ପାୟର ଭାବେ ପ୍ରଶାନ୍ତ ନନ୍ଦ ଓ ନରେନ୍ଦ୍ର ପଣ୍ଡା ଖେଳ ପରିଚାଳନା କରିଥିଲେ । ସ୍କୋରର ଥିଲେ ରାଜେନ୍ଦ୍ର ମହାରଣା ଓ ପ୍ରଦୀପ ଆଢିଆ । ଧାରା ବିବରଣୀ ପ୍ରଦାନ କରିଥିଲେ ସମୀର ସାହୁ, ଭୋଲାନାଥ ସାହୁ, ଅଜୟ ସାହୁ । ଏନ୍‌ସିସିର ଚନ୍ଦନ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।



## ୨୦ ଶଯ୍ୟା ବିଶିଷ୍ଟ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟ

# ୩ ବର୍ଷ ହେବ ଅସ୍ତ୍ରୋପଚାର ବନ୍ଦ; ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଅଚଳପ୍ରାୟ

ଭଦ୍ରକ, ୧୨।୨(ସମିସ)





ଭଦ୍ରକ ସହର ସାଳନ୍ଦୀ ବାଇପାସଠାରେ ରହିଛି ୨୦ଶଯ୍ୟା ବିଶିଷ୍ଟ ସରକାରୀ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟ। ଏଠାରେ ସରକାର ୩ଜଣ ଚକ୍ଷୁ ବିଶେଷଜ୍ଞ, ଜଣେ ଚକ୍ଷୁ ସହାୟକ, ୨ଜଣ ଷ୍ଟାଫନର୍ସ, ୧ଜଣ ଆଟେଣ୍ଡାଣ୍ଟ, ୨ଜଣ ସୁଇପରଙ୍କୁ ମାସିକ ପ୍ରାୟ ୯ ଲକ୍ଷ ଟଙ୍କାର ଦରମା ଦେଇ ନିଯୁକ୍ତି କରିଛନ୍ତି। ସେହିଭଳି ବିଦ୍ୟୁତ୍ ବିଲ ଓ ଅନ୍ୟାନ୍ୟ ଖର୍ଚ୍ଚକୁ ହିସାବକୁ ନେଲେ ମାସିକ ୧୨ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହେଉଛି। ଗତ ୨୦୨୨ଠାରୁ ଅର୍ଥାତ ୩ବର୍ଷ ହେବ ଏହି ଚିକିତ୍ସାଳୟରେ ଚକ୍ଷୁ ଅପରେସନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଫଳରେ ଚକ୍ଷୁ ରୋଗୀମାନେ ବାଧ ହୋଇ ଏଠାକାର ଏକ ନିର୍ଦ୍ଦିଷ୍ଟ ଘରୋଇ ହସ୍ପିଟାଲକୁ ଯାଇ ଅଯଥା ଖର୍ଚ୍ଚାନ୍ତ, ଶୋଷଣର ଶିକାର ହେବାକୁ ବାଧ ହେଉଛନ୍ତି। ସୂଚନାଯୋଗ୍ୟ, ଭଦ୍ରକର ପ୍ରତିଷ୍ଠିତ ଚିକିତ୍ସକ ଡାକ୍ତର ସ୍ୱର୍ଗତ ଦେବେନ୍ଦ୍ର ଦାସ ବାଇପାସ୍ ଛକରେ ୨୬ ଡିସିମିଲ ଜମି କ୍ରୟ କରିଥିଲେ। ତାଙ୍କ ବାପା (ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟ) ନାମରେ ଏକ ଚକ୍ଷୁ ଡାକ୍ତରଖାନା ଉକ୍ତ ଜମିରେ ପ୍ରତିଷ୍ଠା କଲେ। ୧୯୯୫ ମସିହାରେ ଡାକ୍ତରଖାନାଟିକୁ ସମ୍ପୂର୍ଣ୍ଣ ଜାଗା, ଘର ଓ ଡାକ୍ତରଖାନାରେ ବ୍ୟବହୃତ ହେଉଥିବା ସରଞ୍ଜାମ ସବୁକୁ ଦାନ ସୂତ୍ରରେ ଓଡ଼ିଶା ସରକାରଙ୍କ ନାମରେ ନାମିତ କରିଦେଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ନିର୍ଦ୍ଦେଶକ୍ରମେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ମୁସ୍ତାଫିଜ ଅହମ୍ମଦଙ୍କ ତତ୍ତ୍ୱାବଧାନରେ ଭଦ୍ରକ ସିଡିଏମଓ ଦାନ ସୂତ୍ରରେ ଓଡ଼ିଶା ସରକାରଙ୍କ ନାମରେ ରେଜିଷ୍ଟ୍ରେସନ କରାଯାଇଥିଲା। ସେବେଠାରୁ ଅଦ୍ୟାବଧି ଦୀର୍ଘ ୩୦ ବର୍ଷ ହେଲା ରାଘବାନନ୍ଦ ସରକାରୀ ଚକ୍ଷୁ ଚିକିତ୍ସାଳୟ ଭାବେ ସରକାରୀ ଡାକ୍ତରଖାନା ନାମିତ ହୋଇ ଚାଲୁଥିଲା। ୨୦ଶଯ୍ୟା ଏହି ସ୍ୱତନ୍ତ୍ର ଚକ୍ଷୁ ଚିକିତ୍ସାଳୟରେ ଜାଣିଶୁଣି ନିଯୁକ୍ତି ପାଇଥିବା ଚକ୍ଷୁ ବିଶେଷଜ୍ଞମାନେ ଧିରେ ଧିରେ ଅପରେସନ ବନ୍ଦ କରି କେବଳ ବିଧିରକ୍ଷା ଲାଗି କାଁଭାଁ ଅପରେସନ କରି କେବଳ ଆଉଟଡୋର ସେବା ଚଳାଇ ଆସୁଥିଲେ। ଆଉ ବିଗତ ୩ବର୍ଷ ହେବ ଗୋଟିଏ ହେଲେ ବି ଚକ୍ଷୁ ଅପରେସନ ଏଠାରେ କରାଯାଇନାହିଁ। ୨ଜଣ ବିଶେଷଜ୍ଞ ସରକାରୀ ଖର୍ଚ୍ଚରେ ଅପରେସନ ତାଲିମ ନେବା ସତ୍ତ୍ୱେ ଅପରେସନ କରୁ ନଥିବା ବେଳେ ଅନ୍ୟଜଣେ ବିଶେଷଜ୍ଞଙ୍କୁ ମାସି ପ୍ରାୟ ୯୦ହଜାର ଟଙ୍କା ଭଳି ଦରମା ଦେଇ ଠିକାରେ ନିଯୁକ୍ତି ଦିଆଯାଇଛି। ସେହିଭଳି ଜଣେ ଚକ୍ଷୁ ସହାୟକ (ଅପଥାଲମୋଲୋଜିଷ୍ଟ)ଙ୍କୁ ମଧ ମାସିକ ୫୦ହଜାର ଟଙ୍କାରୁ ଅଧିକ ଦେଇ ଅଯଥାରେ ଏଠାରେ ଡେପୁଟେସନରେ ନିଯୁକ୍ତି କରାଯାଇଛି। ସେହିଭଳି ମାସିକ ପ୍ରାୟ ୨ଲକ୍ଷ ଟଙ୍କା ଦରମାରେ ୨ଜଣ ଷ୍ଟାଫନର୍ସ ଓ ମାସିକ ୧ଲକ୍ଷ ଟଙ୍କା ଦରମାରେ ୧ ଆଟେଣ୍ଡାଣ୍ଟ, ୨ଜଣ ସୁଇପର କାର୍ଯ୍ୟ କରୁଛନ୍ତି। ତେବେ କାଣିଚାଏ ସୁଫଳ ମିଳୁନି ଚକ୍ଷୁ ରୋଗୀଙ୍କୁ। କେବଳ ଆଉଟ୍ ଡୋର ସେବା ମାତ୍ର ତିନି ଘଣ୍ଟା ଚାଲିଛି। ଡାକ୍ତର ସ୍ୱର୍ଗତ ଦେବେନ୍ଦ୍ର ବାବୁ ତାଙ୍କ ମୂଲ୍ୟବାନ ଜମି, କୋଠା ଦାନ କରିଥିଲେ ବି ତାଙ୍କ ସ୍ୱପ୍ନ ଆଜି ପୂରଣ ହୋଇନି। ଆଉ ସରକାରୀ ତହବିଲରୁ ମାସିକ ୧୨ଲକ୍ଷ ଟଙ୍କା ଭଳି ଖର୍ଚ୍ଚ ହେଉଥିଲେ ବି ଜଣେ ୩ବର୍ଷ ହେବ ଚକ୍ଷୁ ଅପରେସନ ବନ୍ଦ ରହିଛି। ଏହା ସ୍ୱାସ୍ଥ୍ୟ ପ୍ରଶାସକଙ୍କ ସମ୍ପୂର୍ଣ୍ଣ ଅବହେଳାକୁ ସ୍ୱତଃ ପ୍ରମାଣିତ କରୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଜିଲ୍ଲା ମେଡିକାଲ ଅଫିସର ଏଦିଗରେ ଆଦୌ ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଏବେ

### ଷ୍ଟାଫ୍ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ମାସିକ ସରକାରୀ ଖର୍ଚ୍ଚ ୧୨ ଲକ୍ଷରୁ ଅଧିକ

ଏହି ଡାକ୍ତରଖାନାରେ ଥିବା ମୂଲ୍ୟବାନ ଓ.ଟି (ଅପରେସନ ଥିଏଟର) ସାମଗ୍ରୀ ଓ.ଟି ଟେବୁଲ, କେକେରାକ୍ ସେଟ୍ ଓ ମାଇକ୍ରୋସ୍କୋପ ଆଦି ଅଚଳ ହେବାକୁ ବସିଛି। ୨୦ଟି ରୋଗୀ ଶଯ୍ୟା କେବଳ ଧୂଳି ଓ ଅପରିଷ୍କାରରେ ପଡି ରହିଛି। ଏହାର ଫାଇଦା ଏଠାକାର ଏକ ଘରୋଇ ଚକ୍ଷୁ ହସ୍ପିଟାଲ ନେଉଛି। ସରକାରଙ୍କ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ ନିୟମକୁ ଉଲ୍ଲଘଂନ କରି ଉକ୍ତ ଘରୋଇ ଚିକିତ୍ସାଳୟଟି ଦୈନିକ ୫୦ରୁ ୬୦ଜଣ ଚକ୍ଷୁରୋଗୀଙ୍କୁ ବିପଦପୂର୍ଣ୍ଣ ଭାବେ ଅପରେସନ କରୁଛି। ଫଳରେ ଅଧିକାଂଶ ବେଳେ ଅନେକ ରୋଗୀ ଅପରେସନ ପରେ ଚକ୍ଷୁ ହରାଉଥିବା ଅଭିଯୋଗ ହେଉଛି। ଏଦିଗରେ ଜିଲ୍ଲାପାଳ ଗୁରୁତର ସହ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଜଳିଗଲା ୨ ବଖରା ଚାଳଘର

ବନ୍ତ/ଆଗରପଡ଼ା, ୧୨।୨(ସମିସ): ଅଗ୍ନିକାଣ୍ଡ ଘଟି ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି। ବନ୍ତ ତହସିଲ ଅଡ୍ଡାଳପଙ୍କ ବେଲଗଡ଼ିଆ ଗାଁରେ ଅଗ୍ନିକାଣ୍ଡ ଘଟି ୨ବଖରା ଘର ଜଳି ଯାଇଛି। ଗାଁର ସନାତନ ମହାରଣାଙ୍କ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୨ବଖରା ଚାଳ ଛପର ଘର ସହ ଘରେ ଥିବା ପାଖାପାଖି ଲକ୍ଷାଧିକ ଟଙ୍କାର ଜିନିଷପତ୍ର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ଦେଖି ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରୁଥିବା ବେଳେ ଖବର ପାଇ ଆଗରପଡ଼ା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

## ଗୁରୁଶ୍ରୀ ସୁବାସଚନ୍ଦ୍ର ମଲ୍ଲିକ ସମ୍ବର୍ଦ୍ଧିତ



ଧାମନଗର, ୧୨।୨(ସମିସ): ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବରେ ଗୁରୁଶ୍ରୀ ସୁବାସଚନ୍ଦ୍ର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବଣାଇଗଡ ରାଜାସାହେବ ବୀର କେଶରୀ ଇନ୍ଦ୍ରଦେବ ଓ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ଉତ୍ସବକୁ ଉଦଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ସୁନ୍ଦରଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ବଣାଇଗଡ ଉପଖଣ୍ଡର ବିଡ଼ିଓ ଦିବ୍ୟଶଙ୍କର ଜୟପୁରିଆ, ଅନ୍ତର୍ଜାତୀୟ କ୍ରୀଡାବିତ୍ ସନ୍ତୋଷ ପ୍ରଧାନ ଏବଂ ରାଜ୍ୟର ୩୦ଟି ଜିଲ୍ଲାରୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ଲୋକକଳାର ଗୁରୁ ତଥା ବିଶେଷଜ୍ଞ ପ୍ରମୁଖ ଯୋଗଦାନ କରିଥିଲେ। ୩ ଦିନଧରି ବିଭିନ୍ନ ପ୍ରକାରର ଲୋକକଳା ସମ୍ପ୍ରଦା, ସଂକୀର୍ତନ, ବଜାସାଲ, ସମ୍ବଲପୁରୀ ନୃତ୍ୟ, ଘୁମୁରା, କିଶାନ ନାଚ, ଓରାମ ନାଚ, ଢେମସା ନୃତ୍ୟ ଓ ଓଡିଶୀନୃତ୍ୟ ପରିବେଷିତ ହୋଇଥିଲା। ଅତିଥିମାନେ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ପଞ୍ଚାୟତସ୍ତରୀୟ ଗ୍ରାମସଭା



ମଞ୍ଜୁରୀ ରୋଡ, ୧୨।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୧୨ଟି ପଞ୍ଚାୟତରେ ଗ୍ରାମସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ୫ ବର୍ଷରେ ୫ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାରେ ପଞ୍ଚାୟତର ମୌଳିକ ଭିତିଭୂମି ବିକାଶ ପ୍ରକଳ୍ପ ଚୟନ ପାଇଁ ଏହି ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢୀକରଣ, ଅନୁନ୍ନତ ଜନଜାତି ବସବାସ କରୁଥିବା ଅଞ୍ଚଳକୁ ସଡକ ନିର୍ମାଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ, କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଆଦି ପ୍ରକଳ୍ପ ଚୟନ ପାଇଁ ଏହି ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ଗ୍ରାମସଭା ସଂଯୋଜନା କରିଥିଲେ। ଗୁରୁବାର ଅନ୍ୟ ୧୧ଟି ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହେବ।

## ନୂତନ ସମବାୟ ସମିତି କାର୍ଯ୍ୟକ୍ଷମ ଦାବି



ବାରିକପୁର,୧୨।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ କୁରିଗାଁଠାରେ ପ୍ରାୟ ୩ ବର୍ଷ ହେବ ଏକ ନୂତନ ପ୍ରାଥମିକ କୃଷି ସେବା ସମବାୟ ସମିତି ପ୍ରତିଷ୍ଠା ହୋଇଛି। ପ୍ରତିଷ୍ଠା ଦିନଠାରୁ ଆଜି ଯାଏଁ ନୂତନ ସମିତି କାର୍ଯ୍ୟାଳୟଟି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଉଦଘାଟନର କିଛି ଦିନ ପରେ ଆଇନଗତ ତଥା ବାଦବିବାଦ ଯୋଗୁଁ ଏହା ବନ୍ଦ ହୋଇଥିଲା। ପରେ ସମବାୟ ବିଭାଗ ନିର୍ଦ୍ଦେଶ ମତେ ଜଣେ ନୂତନ ସମ୍ପାଦକ ଭାରପ୍ରାପ୍ତ ଅଧିକାରୀ ଭାବେ ଦାୟିତ୍ୱ ନେଇଥିଲେ। ତେଣୁ କାର୍ଯ୍ୟାଳୟଟିକୁ କାର୍ଯ୍ୟକ୍ଷମ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲେ ସୁଦ୍ଧା ଲୋକମାନେ କିନ୍ତୁ ପୂର୍ବବତ ସରସଦା ସମିତିକୁ ଦୌଡୁଛନ୍ତି। ଏନେଇ ସମବାୟ ବିଭାଗ ବ୍ଲକ ଅଧିକାରିଣୀ ରତୁପର୍ଣ୍ଣା ସାହୁ ଆଜି ନୂତନ କାର୍ଯ୍ୟାଳୟଟିକୁ ପରିଦର୍ଶନ କରି ଏହାର ଭିତିଭୂମିକୁ ନେଇ ଅନୁଧ୍ୟାନ କରିଛନ୍ତି। ବିଶେଷ କରି ସ୍ଥାନୀୟ ଚାଷୀ ଓ ଜନସାଧାରଣ ଭାବେ କେଉଁଭଳି ଭାବେ ନୂତନ କାର୍ଯ୍ୟାଳୟ ଅଧିନରେ ଉପକୃତ ହେବେ ସେନେଇ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଭାରପ୍ରାପ୍ତ ସମ୍ପାଦକ ଅଜୟ ବେହେରା, ସରପଞ୍ଚଙ୍କ ପ୍ରତିନିଧି ଦେବପ୍ରସନ୍ନ ମହାପାତ୍ର, ପ୍ରଦୀପ ବେହେରା, ସୁଶାନ୍ତ ମହାପାତ୍ର, ବାଞ୍ଛାନିଧି ସେଠୀ, ନରୋତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ନୀତିନିୟମ ଅନୁସାରେ ଯଥାଶୀଘ୍ର ନୂତନ ସମିତି କାର୍ଯ୍ୟାଳୟଟିକୁ କାର୍ଯ୍ୟକ୍ଷମ କରିବାକୁ ବୁଦ୍ଧିଜୀବୀଙ୍କ ସମେତ ସ୍ଥାନୀୟ ଚାଷୀ ଅଧିକାରିଣୀଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

## ୨୧ରୁ ମାଟ୍ରିକ ପରୀକ୍ଷା

### ଭଣ୍ଡାରିପୋଖରୀ: ୯ଟି କେନ୍ଦ୍ରରେ ୧୫୦୫ ପରୀକ୍ଷାର୍ଥୀ

ବାରିକପୁର, ୧୨।୨(ସମିସ): ଭଣ୍ଡାରିପୋଖରୀ ବ୍ଲକର ୯ଟି କେନ୍ଦ୍ରରେ ୧୫୦୫ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବ୍ଲକର ବାରିକପୁର ଉଚ୍ଚବିଦ୍ୟାଳୟଠାରେ ସର୍ବାଧିକ ୨୧୬ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ। ସେହିଭଳି ଭଣ୍ଡାରିପୋଖରୀ ହାଇସ୍କୁଲରେ ୧୭୩, ନପଙ୍ଗ ଚଣ୍ଡିମାତା ହାଇସ୍କୁଲରେ ୧୫୨, ସରସଦା ବିଦ୍ୟାଳୟରେ ୨୧୨, ରହଣିଆ ହାଇସ୍କୁଲରେ ୧୭୬, ବାଲିପୋଖରୀ ଶୁକଦେବ ଜେନା ହାଇସ୍କୁଲରେ ୧୫୪, କୁଲଣା ବିଶୋଳ ମୈତ୍ରୀ ଉଚ୍ଚ ବିଦ୍ୟାପୀଠରେ ୧୧୪, ମଞ୍ଜୁରୀରୋଡ଼ ହାଇସ୍କୁଲରେ ୧୧୬, ଯଶୋଟିକିରି ସୁବର୍ଣ୍ଣମୁଖୀ ହାଇସ୍କୁଲରେ ନିୟମିତ ବିଦ୍ୟାର୍ଥୀ ୧୫୮ ଓ ୩୪ଜଣ ମଧ୍ୟମା ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଉଥିବା ଜଣାପଡିଛି।

### ଧାମନଗର: ୧୯ଟି କେନ୍ଦ୍ରରେ ୩,୦୦୪ ପରୀକ୍ଷାର୍ଥୀ



ଧାମନଗର, ୧୨।୨(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫେବ୍ରୁଆରୀ ୨୧ରୁ ଆରମ୍ଭ ହେଉଛି। ଛାତ୍ରଛାତ୍ରୀଙ୍କ ପାଇଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଏହି ପରୀକ୍ଷା ଏଥର ଧାମନଗର ବ୍ଲକର ୧୭ଟି ଓ ଚାନ୍ଦବାଲି ବ୍ଲକର ୨ଟି କେନ୍ଦ୍ରକୁ ମିଶାଇ ସମୁଦାୟ ୩,୦୦୪ଜଣ ପରୀକ୍ଷାର୍ଥୀ ଅଛନ୍ତି। ଧାମନଗର ହାଇସ୍କୁଲରେ ୧୭୭, ଜନତା ଉଚ୍ଚବିଦ୍ୟାପୀଠ ଜାହାଙ୍ଗୀରରେ ୧୨୬, ଏସଏଜେ ହାଇସ୍କୁଲ ଦୋବଲରେ ୧୨୮, ସେଣ୍ଡପୁର ହାଇସ୍କୁଲରେ ୧୫୫, ଖଖଡିପଦା ହାଇସ୍କୁଲରେ ୧୧୫, ପଳିକିରି-ଭଗବାନପୁର ହାଇସ୍କୁଲରେ ୧୪୩, ଇନ୍ଦ୍ରମଣି ହାଇସ୍କୁଲ ଚୂଡ଼ାକୁଟିରେ ୧୯୬, ଇନ୍ଦ୍ରଗୋବିନ୍ଦ ହାଇସ୍କୁଲ ନାରାୟଣପୁରରେ ୧୪୯, ମୁରଲୀଧର ହାଇସ୍କୁଲ ଧୁଷୁରୀରେ ୧୭୮ଜଣ ରେଗୁଲାର ପରୀକ୍ଷାର୍ଥୀଙ୍କ ସହିତ ଅତିରିକ୍ତ ୭ଜଣ ସଂସ୍କୃତ ଟୁଲର ପରୀକ୍ଷାର୍ଥୀ ରହିଥିବାର ସୂଚନା ଅଛି। ସେହିପରି ବାଳିକା ଉଚ୍ଚବିଦ୍ୟାଳୟ ଧୂଷୁରୀରେ ୧୬୮, ବାପୁଜି ହାଇସ୍କୁଲ ମହତାବ ନଗରରେ ୨୧୮, ଗୋପବନ୍ଧୁ ନଗର ହାଇସ୍କୁଲରେ ୨୧୫, ନଦୀଗାଁ ହାଇସ୍କୁଲରେ ୧୫୨, ଉତ୍କଳମଣି ବିଦ୍ୟାପୀଠ ବନ୍ଧଟିଆରେ ୧୦୭, କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୬୩, ସହିଦନଗର ହାଇସ୍କୁଲରେ ୧୪୯ ଏବଂ ଅସୁରାଳି ହାଇସ୍କୁଲ କେନ୍ଦ୍ରରେ ୧୭୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପରୀକ୍ଷା ସୁପରିଚାଳନା ପାଇଁ ଦୁଇଟି ନୋଡ଼ାଲ ସେଣ୍ଟର କରାଯାଇଛି। ଧାମନଗର ନୋଡ଼ାଲ ସେଣ୍ଟର ମୁଖ୍ୟ ପ୍ରଧାନ ଶିକ୍ଷକ ରମଣୀ ରଂଜନ ରାଉତ ରହିଥିବା ବେଳେ ଏହି ସେଣ୍ଟରରୁ ୮ଟି କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବ। ଅନ୍ୟପକ୍ଷରେ ଧୂଷୁରୀ ଏମଡି ହାଇସ୍କୁଲ ଅନ୍ୟତମ ନୋଡ଼ାଲ ସେଣ୍ଟର ହୋଇଛି। ଏହାର ଦାୟିତ୍ୱରେ ପ୍ରଧାନ ଶିକ୍ଷକ ଅକ୍ଷୟ ହୋତା ରହିଛନ୍ତି। ଏଠାରୁ ୯ଟି କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବ। ଧୂଷୁରୀ ନୋଡ଼ାଲ ସେଣ୍ଟରରୁ ଚାନ୍ଦବାଲି ବ୍ଲକର ଆଖଣ୍ଡଳମଣି ହାଇସ୍କୁଲ ଏବଂ ମଠେଡିହ ହାଇସ୍କୁଲ କେନ୍ଦ୍ରର ୨୮୮ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ପହଞ୍ଚାଯିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ସୂଚନା ଦିଆଯାଇଛି।

### ଏକାଦଶ ଜଗଦୀଶ କଥା ସମ୍ମାନ ପାଇବେ ପବିତ୍ର ପାଣିଗ୍ରାହୀ

## ସୁନନ୍ଦା ପ୍ରଧାନଙ୍କୁ 'ଜଗଦୀଶ ଯୁବ ସମ୍ମାନ'



ଗାଳ୍ପିକା ସୁନନ୍ଦା ପ୍ରଧାନ | କଥାକାର ପବିତ୍ର ପାଣିଗ୍ରାହୀ

ଭଦ୍ରକ, ୧୨।୨(ସମିସ): ଓଡ଼ିଆ କଥାସାହିତ୍ୟର ଅଗ୍ରଦୂତ କୁହାଯାଉଥିବା ଜଗଦୀଶ ମହାନ୍ତିଙ୍କ ସ୍ମୃତିରେ ଗଠିତ 'ଜଗଦୀଶ ମହାନ୍ତି ଟ୍ରଷ୍ଟ' ତରଫରୁ ୨୦୨୫ ମସିହା ପାଇଁ ସମ୍ମାନଜନକ 'ଜଗଦୀଶ କଥା ସମ୍ମାନ' ଘୋଷଣା କରାଯାଇଛି। ଏହି ପୁରସ୍କାର ପାଇଁ ଏଥର ପ୍ରବୀଣ କଥାକାର ପବିତ୍ର ପାଣିଗ୍ରାହୀ ମନୋନୀତ ହୋଇଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ମାନପତ୍ର, ଫଳକ ଓ ଉପଢ଼ୌକନ ସହ ୧୦ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ଯୁବଗାଳ୍ପିକମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା 'ଜଗଦୀଶ ଯୁବ ସମ୍ମାନ' ପାଇଁ ଚଳିତବର୍ଷ ଯୋଗ୍ୟ ବିବେଚିତ ହୋଇଛନ୍ତି ଗାଳ୍ପିକା ସୁନନ୍ଦା ପ୍ରଧାନ। ପୁରସ୍କାର ବାବଦରେ ତାଙ୍କୁ ୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ୨୦୧୪ରୁ ପ୍ରଦାନ କରାଯାଇଆସୁଥିବା ଜଗଦୀଶ କଥା ସମ୍ମାନ ପୂର୍ବରୁ ପ୍ରକାଶ ମହାପାତ୍ର, ସଦାନନ୍ଦ ତ୍ରିପାଠୀ ଏବଂ ରଜନୀକାନ୍ତ ମହାନ୍ତି, ଶ୍ୟାମାପ୍ରସାଦ ଚୌଧୁରୀ, ପରେଶ ପଟ୍ଟନାୟକ, ଅଜୟ ସ୍ୱାଇଁ, ନିବାରଣ ଜେନା, ଭୀମ ପୃଷ୍ଟି, ପୁଷ୍ପାଞ୍ଜଳି ନାୟକ, ଦେବବ୍ରତ ମଦନରାୟଙ୍କ ପରି ଖ୍ୟାତନାମା କଥାକାରମାନେ ପାଇଥିବା ବେଳେ ଜଗଦୀଶ ଯୁବ ସମ୍ମାନ ପାଇଛନ୍ତି ଅମରେଶ ବିଶ୍ୱାଳ, ସ୍ୱାଗତିକା ସ୍ୱାଇଁ, ନେତାଜୀ ଅଭିନନ୍ଦନ, ବିରଜା ରାଉତରାୟ, ରାଜେନ୍ଦ୍ର କୁମାର ରାଉଳ, ଶକ୍ତି ମହାନ୍ତି, ମଣିରାମ ଜେନା, ସୁଶୀଲ ପ୍ରଧାନ ଏବଂ ପ୍ରଜ୍ଞା ପ୍ରବର୍ତିକା ଦାଶ। ଫେବୃଆରୀ ୧୭ ତାରିଖ ସଂଧ୍ୟାରେ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିରଠାରେ ଆୟୋଜିତ ହେବାକୁଥିବା 'ଜଗଦୀଶ ଜୟନ୍ତୀ' ଉତ୍ସବରେ ବିଶିଷ୍ଟ ସମାଲୋଚକ ଓ ଗାଳ୍ପିକ ପ୍ରଫେସର ଗୁରୁଚରଣ ବେହେରା ଏବଂ ସମୀକ୍ଷକ ଓ ଅନୁବାଦକ ହିମାଂଶୁ ଶେଖର ମହାପାତ୍ର ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜଗଦୀଶ-ଗଳ୍ପପ୍ରେମୀ ଓ ସାହିତ୍ୟାନୁରାଗୀମାନେ ଏହି ଉତ୍ସବରେ ଯୋଗଦେବାକୁ ଟ୍ରଷ୍ଟର ଅଧ୍ୟକ୍ଷା ଡ. ସରୋଜିନୀ ସାହୁ ଏବଂ ସଂପାଦକ ସରୋଜ ବଳ ଅନୁରୋଧ ଜଣାଇଛନ୍ତି।

## ପଞ୍ଚଶଖା ଭବମୁକ୍ତି ସେବାଶ୍ରମର ପ୍ରତିଷ୍ଠା ଦିବସ



ବନ୍ତ/ଆଗରପଡ଼ା, ୧୨।୨(ସମିସ): ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ଗୋପାଳପୁର ଗ୍ରାମରେ ପଞ୍ଚଶଖା ଭବମୁକ୍ତି ସେବାଶ୍ରମର ପ୍ରତିଷ୍ଠା ଦିବସ ଓ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ଜନ୍ମବାର୍ଷିକୀ ଉତ୍ସବ ୩ଦିନ ଧରି ଧୂମଧାମରେ ପାଳିତ ହୋଇଯାଇଛି। ଗୋପାଳପୁରସ୍ଥିତ ମହାଦେବ ପୁଷ୍କରିଣୀରେ ୩୧ଟି କଳସ ଘଟଉତ୍ତୋଳନ କରି ଗ୍ରାମ ବଜାର ପରିକ୍ରମା ପରେ ଆଶ୍ରମକୁ ଅଣାଯାଇଥିଲା। ପୂଜାରୀ ଶମ୍ଭୁନାଥ ତ୍ରିପାଠୀ, ବିଷ୍ଣୁମୋହନ ଶତପଥୀଙ୍କ ସମେତ ସମସ୍ତ ପୂଜକ ଯଜ୍ଞ ପୂଜା କାର୍ଯ୍ୟ ତୁଲାଇଥିଲେ। ଆଶ୍ରମର ମୁଖ୍ୟ ପୁରୋଧା ପ୍ରଧାନ ନ୍ୟାସିକ ବାବାଜୀ ରବିନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରବଚକ ନିରାକାର ଗାହାଣଙ୍କ ଦ୍ୱାରା ପ୍ରବଚନ, ପାଲା, ଭଦ୍ରକରୁରୁ ଧୂଡ଼ିକ ଭଜନ, ସଂକୀର୍ତ୍ତନମଣ୍ଡଳୀ, ଓଡ଼ଶୀ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭଦ୍ରକ ସମେତ ପଡୋଶୀ ଜିଲ୍ଲାରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି କୁନି କଳାକାର ଯୋଗ ଦେଇଥିଲେ। ଏହି ନୃତ୍ୟ ସଂଗୀତ କାର୍ଯ୍ୟକ୍ରମରେ ଗଣେଶ ପ୍ରସାଦ ଦାସଙ୍କ ମଞ୍ଚ ପରିଚାଳନାରେ ୫୦ରୁ ଅଧିକ କଳାକାର ଅଂଶଗ୍ରହଣ କରିଥିଲେ। ସାଇଶ୍ରଦ୍ଧା ପଣ୍ଡା, ରୁବିନା ଗିରି, ଶୁଭଲକ୍ଷ୍ମୀ ଜେନା, ସ୍ମୃତିରେଖା ମଣ୍ଡଳ, ଇତିଶ୍ରୀ ନାୟକ, ସୁନେନା ଜେନା ପ୍ରମୁଖଙ୍କୁ ବିଜେତା ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ସେବାଶ୍ରମର ପୂର୍ଣ୍ଣାହୁତି ଯଜ୍ଞ କାର୍ଯ୍ୟକ୍ରମରେ ଓଡଙ୍ଗ, ଛୟାଳସିଂ, ଗଣିଜାଙ୍ଗ, ଟିଁଲୋ ପଞ୍ଚାୟତ ସମେତ ବନ୍ତ ବ୍ଲକର ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା। ବାବାଜୀ ବସନ୍ତ କୁମାର, ରାମଚନ୍ଦ୍ର ତ୍ରିପାଠୀ, ତୁଳସୀ ଦାସ, ଚକ୍ରଧର ଗିରି, ନିତ୍ୟାନନ୍ଦ ପାଳ, ପ୍ରଫୁଲ୍ଲ ଜେନା, ପଦ୍ମନାଭ ସାହୁ ସମେତ ସମସ୍ତ ଆଶ୍ରମ ଭକ୍ତ ସହଯୋଗ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ବିଜେତାଙ୍କୁ ଆଶ୍ରମ ତରଫରୁ ପୁରସ୍କାର କରାଯିବା ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## କେନାଲ ରାସ୍ତାରେ ଉଡୁଛି ଡଷ୍ଟ



ବାରିକପୁର, ୧୨।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ବୈତରଣୀ ଆନିକଟଠାରୁ ପାର୍ବତୀ ଘାଟ ଯାଏଁ ଏବେ ୩ ନମ୍ବର ହାଇଲେଭଲ କେନାଲ ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରାୟ ତିନି କିମି ଦୈର୍ଘ୍ୟ ବିଶିଷ୍ଟ ଉକ୍ତ ରାସ୍ତାରେ ନୂତନ ଭାବେ ପିଚ୍ ନିର୍ମାଣ ହେବ ବୋଲି ଜଣାପଡିଛି। ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରାସ୍ତାରୁ ପୁରୁଣା ପିଚୁ ବାହାର କରାଯାଇ ଡଷ୍ଟ ଚିପ୍ସ(ଜିଏସବି) ବିଛା ଯାଉଛି। ଆନିକଟଠାରୁ ବାଲିପୋଖରୀ ଛକ ଓ ସେଠାରୁ ଅପୂଜା ମହାଦେବ ଯାଏଁ ଏବେ ଡଷ୍ଟ ଚିପ୍ସ ପଡି ସାରିଛି। ପଡ଼ିଥିବା ସାମଗ୍ରୀ ଉପରେ ଆବଶ୍ୟକ ପରିମାଣରେ ପାଣି ଦିଆଯାଉ ନଥିବା ଅଭିଯୋଗ ହେଉଛି। ଏପରିକି ସଠିକ ରୋଲିଙ୍ଗ ମଧ ହେଉନାହିଁ। ଫଳରେ ମୋଟରସାଇକଲ ଓ ସାଇକଲରେ ଯାଉଥିବା ପଥଚାରୀମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପଥ ଦେଇ ଜଗନ୍ନାଥ ପ୍ରସାଦ, ପରମାନନ୍ଦପୁର, କୁମ୍ଭାରିଆ, ଆଖୁଆପଦା, ଡାହାଲା, କଇସିରା ପ୍ରମୁଖ ଗ୍ରାମର ଶହଶହ ଲୋକ ଦୈନିକ ଭଣ୍ଡାରିପୋଖରୀକୁ ଯାତାୟାତ କରିଥାନ୍ତି। ଏହାଛଡା ବିଭିନ୍ନ ଅଞ୍ଚଳର ଜନସାଧାରଣ ମଧ ବାଇକ୍ ଯୋଗେ ଏହି କେନାଲ ରାସ୍ତାରେ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥାନ୍ତି। ଏବେ ଅର୍ଦ୍ଧନିର୍ମିତ କେନାଲ ରାସ୍ତା ଉପରେ ନିୟମିତ ପାଣି ସିଞ୍ଚନ ହେଉ ନଥିବାରୁ ଲୋକମାନେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଡଷ୍ଟ ଧୂଳିରେ ପଥଚାରୀଙ୍କ ଆଖି ବୁଜି ହେଇ ଯାଉଛି। ଏହା ଉପରେ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱ ନିର୍ବାହ କରୁଥିବା ଜଳସମ୍ପଦ ବିଭାଗ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବିଭିନ୍ନ କ୍ଲଷ୍ଟର୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା

ଭଦ୍ରକ/ଭଣ୍ଡାରିପୋଖରୀ, ୧୨।୨(ସମିସ)





ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଗୋପାଳପୁର କ୍ଲଷ୍ଟର୍ ପାଟୁଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର କ୍ଲଷ୍ଟର୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷାଧିକାରୀ ଶୁଭେନ୍ଦୁ କୁମାର ମହାରାଜଙ୍କ ତତ୍ତ୍ୱାବଧାନରେ ଗୋପାଳପୁର ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ତପନ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପ୍ରଧାନଶିକ୍ଷକ ମାଧବାନନ୍ଦ ଓଝାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଭଦ୍ରକ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ତ୍ରିଲୋଚନ ମହାଳିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଏବିଇଓ ନିର୍ମଳା ସାହୁ ଓ ସମ୍ମାନିତ ବକ୍ତା ସାହିତ୍ୟିକ ପ୍ରଫୁଲ୍ଲ ଦାସ ଓ ସମ୍ମାନିତ ଅତିଥି ରୂପେ ସିଆରସିସି କାମାକ୍ଷା ପାତ୍ର, ବୀଣାପାଣୀ ନାୟକ, ମାନସ ସାହୁ ଯୋଗ ଦେଇଥିଲେ। ୧୪ଟି ବିଦ୍ୟାଳୟରୁ ୧୦ ଲେଖାଏଁ ଶିକ୍ଷାର୍ଥୀ ଓ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ପ୍ରତି ଉତ୍ସର୍ଗୀକୃତ ଶିକ୍ଷକ-ଶିକ୍ଷୟିତ୍ରୀ ମେଳାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ମେଳାରେ ୪ଟି ଶିକ୍ଷଣକେନ୍ଦ୍ରରେ ଶିକ୍ଷଣ ସାମଗ୍ରୀଗୁଡିକୁ ପ୍ରଦର୍ଶିତ କରାଯାଇଥିଲା। ସାକ୍ଷରତା ଓ ସଂଖ୍ୟାଜ୍ଞାନ, ସୃଜନାତ୍ମକ କାର୍ଯ୍ୟକ୍ରମ ଆଦି ବିଭିନ୍ନ ବିଭାଗରେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ବିଶେଷ କରି ପ୍ରାଥମିକ ସ୍ତରର ଶିକ୍ଷାର୍ଥୀଙ୍କ ଭାଷା ଓ ଗଣିତର ଦକ୍ଷତା ବୃଦ୍ଧି କରିବା ଓ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ବ୍ୟାପକ ପ୍ରଚାର ପ୍ରସାର କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ପ୍ରତ୍ୟେକ ବିଦ୍ୟାଳୟରୁ ୧୦ ଜଣ ଲେଖାଏଁ ଅଭିଭାବକ ମଧ ଅଂଶଗ୍ରହଣ କରି ସେମାନଙ୍କର ମତାମତ ଦେଇଥିଲେ। କୃତୀ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଶିକ୍ଷାର୍ଥୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରି ସିଆରସିସି ତପନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ସରସଦା ସାଧନକେନ୍ଦ୍ରରେ ନିପୁଣ ଓଡିଶା ମେଳା ତୁଳସୀପୁର ଉପ୍ରା ସ୍କୁଲରେ ଶିକ୍ଷାସଂଯୋଜକ ବିଶ୍ୱରଞ୍ଜନଙ୍କ ସଂଯୋଜନାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର ତରାଇ ମୁଖ୍ୟଅତିଥି, ଶିକ୍ଷାବିତ କାର୍ତ୍ତିକଚନ୍ଦ୍ର ସ୍ୱାଇଁ, ଏବିଇଓ ଅକ୍ଷୟ ଜେନା, ଉମେଶ ଜେନା, ତ୍ରିଲୋଚନ ନାୟକ, ରାଧାଶ୍ୟାମ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ନାୟକ ଅତିଥି ପରିଚୟ ଓ ପ୍ରଜ୍ଞାପରମିତା ସ୍ୱାଇଁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପୂର୍ଣ୍ଣିମା ଜେନା, ସଞ୍ଜୁଲତା ପାତ୍ର, ସୁଜାତା ସ୍ୱାଇଁ, ସୁବାସିନୀ ସ୍ୱାଇଁ, ମୀନାକୁମାରୀ ମହାପାତ୍ର, ଗୀତାରାଣୀ ଶଙ୍ଖୁଆ, ଜୟପ୍ରକାଶ ସ୍ୱାଇଁ ପ୍ରମୁଖ ମେଳା ପରିଚାଳନା କରିଥିଲେ।

ସେହିପରି ରାଜେନ୍ଦ୍ରପୁର ସାଧନକେନ୍ଦ୍ରରେ ନିପୁଣ ଓଡିଶା ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସଂଯୋଜିକା ଜ୍ୟୋତ୍ସ୍ନା ବାରିକଙ୍କ ସଂଯୋଜନା ଓ ପ୍ରଧାନଶିକ୍ଷକ ରବିନ୍ଦ୍ରନାଥ ଗୁଚ୍ଛିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମେଳାରେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ତରାଇ ମୁଖ୍ୟଅତିଥି, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ସମିତିସଭ୍ୟା ପ୍ରତିନିଧି ଅଜୟ ସାହୁ, ପ୍ରାକ୍ତନ ଶିକ୍ଷା ସଂଯୋଜକ କୈଳାସ ଚନ୍ଦ୍ର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲଷ୍ଟର ଅନ୍ତର୍ଗତ ୧୨ଟି ବିଦ୍ୟାଳୟର ପ୍ରଥମରୁ ତୃତୀୟ ଶ୍ରେଣୀର ୧୨୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମୌଳିକ ସାକ୍ଷରତା, ମୌଳିକ ସଂଖ୍ୟାଜ୍ଞାନ, ହସ୍ତକଳା ଓ ଶିଳ୍ପକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କେଟସିରା ଉପ୍ରା ବିଦ୍ୟାଳୟ ପ୍ରଥମ, ରାଜେନ୍ଦ୍ରପୁର ଉପ୍ରା ବିଦ୍ୟାଳୟ ଦ୍ୱିତୀୟ ଓ ଥଇଲା ଉପ୍ରା ବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଥିଲା। ଶିକ୍ଷକ ରୂପେଶ ଲେଙ୍କା ଅତିଥି ପରିଚୟ ଓ ଶ୍ରୀକାନ୍ତ ପ୍ରସାଦ ବେହେରା ଧନ୍ୟବାଦ ପ୍ରଦାନ

